# ବିଷାକ୍ତ ମଦ ପିଇ ଯୁବକ ମୃତ

ଚାନ୍ଦବାଲି, ୧୭।୧ (ଡି.ଏନ.ଏ.)


ଲୋକେ ଚଡଦିଆ ବଜାର ବନ୍ଦ କରିବା ସହିତ ରାସ୍ତାରୋକୋ କରିଛନ୍ତି।

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଚଡଦିଆ ପଞ୍ଚାୟତରେ ବୁଧବାର ବିଳମ୍ବିତ ରାତିରେ ବିଷାକ୍ତ ମଦ ପିଇ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଚଡଦିଆ ଗ୍ରାମର ମହେଶ୍ୱର ମାଝି(୩୬)। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଅନ୍ୟ ୩ଟି ଦାବି ନେଇ ସ୍ଥାନୀୟ ଲୋକେ ଗୁରୁବାର ଚଡଦିଆ ବଜାର ବନ୍ଦ କରିଥିଲେ। ସେମାନେ ଟାୟାର ଜାଳି ଚଡଦିଆ-ନଳଗୋହିରା ରାସ୍ତାକୁ ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରିଦେଇଥିଲେ। ଖବର ପାଇ ବାଂଶଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଅନ୍ୟପକ୍ଷେ ଚାନ୍ଦବାଲି ବ୍ଲକର ଏକ ଉପାନ୍ତ ଅଞ୍ଚଳ ଚଡଦିଆ ପଞ୍ଚାୟତରେ ଚୋରା ଓ ନକଲି ମଦ କାରବାର ବ୍ୟାପକ ହେଉଥିଲେ ମଧ୍ୟ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ବୁଧବାର ରାତିରେ ମହେଶ୍ୱର ମଦ ପିଇ ଘରକୁ ଫେରିଥିଲେ। ଗୁରୁବାର ସକାଳେ ସେ ବିଛଣାରୁ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଉଠାଇବାକୁ ଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏ ନେଇ ତାଙ୍କ ପରିବାର ପକ୍ଷରୁ ବାଂଶଡା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ବିଷାକ୍ତ ମଦ ପିଇ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗରେ

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଦର୍ଶାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ରମେଶ ସିଂ କହିଛନ୍ତି। ଚଡଦିଆ ପଞ୍ଚାୟତରେ ଚୋରାମଦ କାରବାର ନିଷେଧ ଓ ଚୋରାମଦ ଚାଲାଣ ହେଉଥିବା ରାସ୍ତାରେ ପୋଲିସ ପହରା କଡ଼ାକଡ଼ି କରାଯିବାକୁ ଲୋକେ ଦାବି କରିଥିଲେ। ଚୋରାମଦ କାରବାର ବନ୍ଦ କରାଯିବା ନେଇ ପୋଲିସ ପ୍ରତିଶ୍ରୁତି ଦେଇଛି। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ୫ଘଣ୍ଟାର ରାସ୍ତା ରୋକୋ ପ୍ରତ୍ୟାହୃତ ହୋଇଥିଲା। ବାଂଶଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଛି।

## ମକର ମେଳାରେ ଗଣ୍ଡଗୋଳ ନେଇ ମାମଲା

**ବନ୍ତ, ୧୭।୧ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ କୁଆଁର୍ଦ୍ଧା ଗ୍ରାମର ଧୂନିବାଡି ମକର ମେଳାରେ ଗଣ୍ଡଗୋଳ ଘଟିଛି। ଏ ନେଇ ଉଭୟ ପକ୍ଷଙ୍କ ଏତଲାକ୍ରମେ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ପଦି ଗ୍ରାମର ହରମୋହନ ଯେନାଙ୍କ ଅଭିଯୋଗ ଅନୁଯାୟୀ, ସେ ୧୪ତାରିଖ ସନ୍ଧ୍ୟାରେ ତାଙ୍କ ଭାଣିଜାଙ୍କୁ ନେଇ ମକର ମେଳା ଦେଖିବାକୁ ଯାଇଥିଲେ। କୁଆଁର୍ଦ୍ଧା ଗ୍ରାମର ବିଜୟ ପାତ୍ର ଓ ତାଙ୍କ ୨ ପୁଅ ତାଙ୍କୁ ଓ ତାଙ୍କ ସାନଭାଇ ଚିନ୍ତାମଣିଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅନ୍ୟପକ୍ଷେ ବିଜୟଙ୍କ ପୁଅ ସୀତାଂଶୁ ଅଭିଯୋଗରେ ଦର୍ଶାଇଛନ୍ତି, କୁଆଁର୍ଦ୍ଧା ଛକରେ ତାଙ୍କ ବାପା ବିଜୟଙ୍କୁ ଚିନ୍ତାମଣି ଆକ୍ରମଣ କରିଥିଲେ। ଏହାକୁ ବିରୋଧ କରିବାରୁ ବାପାଙ୍କ ସମେତ ୨ ଭାଇଙ୍କୁ ସେ ଆକ୍ରମଣ କରିଥିଲେ। ସୀତାଂଶୁଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୭/୧୯) ଓ ହରମୋହନଙ୍କ ଅଭିଯୋଗ କ୍ରମେ ମାମଲା(ନଂ.୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଗଣ୍ଡଗୋଳରେ ଉଭୟ ପକ୍ଷର ୨ ଜଣ ଆହତ ହୋଇ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

## ଯୁବତୀଙ୍କୁ ଅସଦାଚରଣ ସହ ଆକ୍ରମଣ

ତିହିଡ଼ି, ୧୭।୧ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡି ଥାନା ଅଧୀନ ଗୁଆମାଳ ଅଞ୍ଚଳର ଜଣେ ଯୁବତୀଙ୍କୁ ବୁଧବାର ସନ୍ଧ୍ୟାରେ ଅସଦାଚରଣ ସହ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୨୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଉକ୍ତ ଅଞ୍ଚଳର କେତେଜଣ ବ୍ୟକ୍ତି ଜଣେ ମହିଳାଙ୍କ ପୁଅ ସହ ଥଟ୍ଟାମଜା କରୁଥିଲେ। ମହିଳା ଜଣଙ୍କ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଉକ୍ତ ମହିଳାଙ୍କ ଝିଅ ଓ ଅନ୍ୟ ଜଣେ ମହିଳା ଏହାର ପ୍ରତିବାଦ କରିବାରୁ ସେହି ଅଞ୍ଚଳର ନନ୍ଦକିଶୋର ମାଝୀ, ସୁବାସ ମାଝୀ ଓ ରମେଶ ମାଝୀ ଯୁବତୀଙ୍କୁ ଅସଦାଚରଣ ସହ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବତୀ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ଦେଢ଼ଘଣ୍ଟା ବିଳମ୍ବରେ ମଧ୍ୟାହ୍ନଭୋଜନ ଖାଇଲେ ଛାତ୍ରୀଛାତ୍ର

# ନିମ୍ନମାନର ଡାଲି ଯୋଗାଣ ଅଭିଯୋଗ

ପଦ୍ମପୁର,୧୭।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡିଆ ଉଚ୍ଚ ବିଦ୍ୟାଳୟରେ ରୋଷେୟା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ବିବାଦ ଚରମ ସୀମାରେ ପହଞ୍ଚିଛି। ଫଳରେ ଛାତ୍ରୀଛାତ୍ର ନିର୍ଦ୍ଧାରିତ ସମୟରେ ୧.୩୦ ମିନିଟ୍ ପରେ ଅର୍ଥାତ୍ ୨.୪୫ ମିନିଟ୍‌ରେ ଦେଢ଼ଘଣ୍ଟା ସମୟରେ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏହି ବିଦ୍ୟାଳୟରେ ମୋଟ ୨୫୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୪ ଜଣ ରୋଷେୟା ନିଯୁକ୍ତ ଅଛନ୍ତି। ମଲିକାଦେଇପୁର ଗ୍ରାମର ଦୁଇ ଗୋଷ୍ଠୀକୁ ରୋଷେଇ ସାମଗ୍ରୀ ଯୋଗାଣ ପାଇଁ ଦାୟିତ୍ୱ ଦିଆଯାଇଛି। ଗୁରୁବାର ଗୋଷ୍ଠୀର ସଭ୍ୟାମାନେ କମ୍ ପରିମାଣର କାଠ ଓ ନିମ୍ନମାନର ଡାଲି ରୋଷେୟାଙ୍କୁ ଦେଇ ଘରକୁ ଚାଲିଯାଇଥିଲେ। ପରେ ରୋଷେଇ ପାଇଁ ଜାଳ କମ୍ ପଡିବାରୁ ରୋଷେଇ ନିର୍ଦ୍ଧାରିତ ସମୟରେ ହୋଇପାରି ନ ଥିଲା। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ସାହୁ ଗୋଷ୍ଠୀକୁ ଯୋଗାଯୋଗ କରିଥିଲେ ସୁଧା ସେମାନେ ବିଦ୍ୟାଳୟକୁ ଆସି ନ ଥିଲେ। ଫଳରେ ସ୍ଥାନୀୟ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ରୋଷେୟାମାନେ କୌଣସି ମତେ ରୋଷେଇ କରି ପିଲାମାନଙ୍କୁ ଖାଇବାକୁ ଦେଇଥିଲେ। ଏନେଇ ବିଇଓଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରଧାନଶିକ୍ଷକଙ୍କୁ ପରିଚାଳନା କମିଟି ଡକାଇ ଏହାର ପ୍ରତିକାର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।


## CLASSIFIED DISPLAY















# ଏନ୍‌ଜିଟି ଆଦେଶ ପରେ
# ବାଲି ଉତ୍ସ ପରିଦର୍ଶନ କଲେ ବିଶେଷଜ୍ଞ ଟିମ୍

**ଜଳେଶ୍ୱର, ୧୭।୧(ଡି.ଏନ.ଏ.)**

ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଏକ ବିଶେଷଜ୍ଞ ଟିମ୍ ବାଲେଶ୍ୱର ଜିଲା ଜଳେଶ୍ୱରରେ ପହଞ୍ଚିଛି। ମାସକ ମଧ୍ୟରେ ଏହି ଟିମ୍‌ର ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ। ଟିମ୍‌ର ସଦସ୍ୟମାନେ ରାଇବଣିଆ ଥାନା ସୁବର୍ଣ୍ଣରେଖା ନଦୀର ବିଳାସପୁର, ମାକିଡ଼ିଆ, କୁଅଁରପୁର, ତୋଟାପଡ଼ା, ବେହେରାସାହି, ମକରମପୁର, ଗୋବରଘାଟା, ଦକ୍ଷିଣପ୍ରହରାଜପୁର, ମହମ୍ମଦନଗର ପାଟଣା(କ, ଖ, ଗ ଓ ଘ) ଏବଂ ସେକସରାଇ(କ ଓ ଖ) ବାଲି ଉତ୍ସକୁ ପରିଦର୍ଶନ କରିଥିଲେ। ନୂଆଦିଲ୍ଲୀ ଓ କୋଲକତାସ୍ଥିତ (ପୂର୍ବାଞ୍ଚଳ ରେଞ୍ଜ) କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (ସିପିସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆର୍. ସି. ସକ୍ସେନାଙ୍କ ନେତୃତ୍ୱରେ ଆସିଥିବା ଏହି ବିଶେଷଜ୍ଞ ଟିମ୍‌ରେ ପରିବେଶ ବୈଜ୍ଞାନିକ ଡ. ରିତା ଶାହା, ଡ. ପି. କେ. ବୋରେଇ, ଡ. ବିଶ୍ୱଜିତ ପାଲ ଏବଂ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ

**ମାସକ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ**



ବାଲି ଉତ୍ସ ନିକଟରେ ବିଶେଷଜ୍ଞ ଟିମ୍।

ବୋର୍ଡ(ଏସ୍‌ପିସିବି)ର ମୁଖ୍ୟ ପରିବେଶ ଯନ୍ତ୍ରୀ ଡ. ନିହାର ରଞ୍ଜନ ସାହୁ ଅଛନ୍ତି।

ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୀର୍ଘ ୮ ଘଣ୍ଟା ଧରି ଏହି ଟିମ୍ ବାଲି ଉତ୍ସଗୁଡିକୁ ପରିଦର୍ଶନ କରି ପରିବେଶ ଆଇନକୁ କିପରି ଉଲ୍ଲଂଘନ କରାଯାଇ ଅହୋରାତ୍ର ନଦୀଗର୍ଭରୁ ସ୍ୱମ୍ପପମ୍ପ ଓ ଜେସିବି ମେଶିନ ଦ୍ୱାରା ବାଲି ଉତ୍ତୋଳନ କରାଯାଉଛି ତାହାକୁ ଅନୁଧ୍ୟାନ କରିଥିଲେ। ଏହାଦ୍ୱାରା ବାଲିଶଯ୍ୟା ଆଖପାଖ ଗ୍ରାମର ଜମି ଏବଂ ନଦୀବନ୍ଧ କିପରି କ୍ଷତି ପହଞ୍ଚୁଛି ତାହାକୁ ଦୀର୍ଘ ସମୟ ଧରି ଦେଖିଥିଲେ। ଜିଲାପାଳ ରମେଶଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବିଶେଷଜ୍ଞ ଟିମ୍ ସହିତ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ମାନସରଞ୍ଜନ ପାଢ଼ୀ, ସ୍ଥାନୀୟ ତହସିଲଦାର ଅଭିମନ୍ୟୁ ପଣ୍ଡା, ଏସ୍‌ଡିପିଓ ରାମଚନ୍ଦ୍ର ଗୌଡୁ, ଜଳେଶ୍ୱର ଆଇଆଇସି ପ୍ରଦୀପ କୁମାର ମାଝି, ରାଇବଣିଆ ଥାନାଧିକାରୀ ରବୀନ୍ଦ୍ରନାଥ ବେହେରା ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଏହି ବିଶେଷଜ୍ଞ ଟିମ୍ ଯାଞ୍ଚ ପରେ ଏକ ବିସ୍ତୃତ ରିପୋର୍ଟ ଏନ୍‌ଜିଟି କୋର୍ଟଙ୍କ ଆଦେଶକ୍ରମେ ଗଠିତ କମିଟି ନିକଟରେ ଦାଖଲ କରିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ଟିମ୍ ଗତ ମାସ ୨୦ ତାରିଖରେ ଆସି ବାଲି ଉତ୍ସ ପରିଦର୍ଶନ କରି ଫେରିଯାଇଥିଲା। ପଶ୍ଚିମବଙ୍ଗ ବାଲିମାଫିଆଙ୍କ ଦ୍ୱାରା ନଦୀଗର୍ଭରୁ ବେଆଇନ ଭାବେ ବାଲି ଉତ୍ତୋଳନ ନିମନ୍ତେ ବ୍ୟବହାର କରାଯାଉଥିବା ସ୍ୱମ୍ପପମ୍ପ ମେଶିନକୁ ଉକ୍ତ ଟିମ୍ ପ୍ରତ୍ୟକ୍ଷ ଭାବେ ଦେଖି ଅଭିଯୋଗର ସତ୍ୟତା ଜାଣିପାରିଥିଲେ। ବାଲିଉତ୍ସଗୁଡ଼ିକରୁ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶା ରାଜ୍ୟର ବାଲିମାଫିଆମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ନେଇ ସାମାଜିକ କର୍ମୀ ସୁଦର୍ଶନ ଦାସ ଏନ୍‌ଜିଟି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଲାଲ୍ ଚୁଡ଼ି ସଂଗ୍ରହ କଲା ଭାଜପା ମହିଳା ମୋର୍ଚ୍ଚା

**ଜଳେଶ୍ୱର, ୧୭।୧(ଡି.ଏନ.ଏ.)**

ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ନିଷ୍ପତ୍ତିକ୍ରମେ ବେବିନା ଓ ଅନ୍ୟ ମହିଳା ତଥା ଶିଶୁକନ୍ୟାଙ୍କୁ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଲାଲ୍ ଚୁଡ଼ି ପଠାଇବା ପାଇଁ ଗୁରୁବାର ଜଳେଶ୍ୱର ସହରରେ ଜଳେଶ୍ୱର ମହିଳା ମୋର୍ଚ୍ଚା ତରଫରୁ ଘରକୁ ଘର ବୁଲି ଲାଲି ଚୁଡ଼ି ସଂଗ୍ରହ କରାଯାଇଛି। ଏହାସହ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେବାରେ ରାଜ୍ୟରେ ବିଜେଡି ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ମହିଳା ନେତ୍ରୀମାନେ ଅଭିଯୋଗ ଆଣିଛନ୍ତି। ଏହି ଅଭିଯାନରେ ଭାଜପା ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସଞ୍ଜୁକ୍ତା ମହାପାତ୍ର, ମୋର୍ଚ୍ଚାର ଜଳେଶ୍ୱର ପ୍ରଭାରୀ ଅଭିପ୍ସା ନାୟକ, ନେତ୍ରୀ ପ୍ରମିଳା ସାମଲ, ସବିତା ସିଂହ, ସଞ୍ଜୁବାଳା ଜେନା, ଅନ୍ନପୂର୍ଣ୍ଣା ଦାସ, ସାବିତ୍ରୀ ପାତ୍ର, ଲକ୍ଷ୍ମୀପ୍ରିୟା ସାମଲ, ଅଲିଭା ଜେନା, ବାସନ୍ତୀ ପରିଡ଼ା ପ୍ରମୁଖ ଶତାଧିକ ମହିଳା ନେତ୍ରୀ ସାମିଲ ହୋଇ ନବୀନ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ୯ ନଂ. ଜୋନ ସ୍ୱପ୍ନେଶ୍ୱର ମଣ୍ଡଳର ସମ୍ପାଦକ ଅଶୋକ ପରିଡ଼ା, ଯୁବନେତା ସିଦ୍ଧାର୍ଥ ଶଙ୍କର ପାଳ, ସୁବ୍ରତ ଘୋଷ ଓ ପଲ୍ଟୁ ଭାଇ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

### ଗଣଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବାଲେଶ୍ୱର ଅଫିସ,୧୭।୧:** ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ବାଲେଶ୍ୱର ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଗଣଶିକ୍ଷାମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବୋର୍ଡ ସଭାପତି ଜାହାନାରା ବେଗମ୍‌ଙ୍କ ଇସ୍ତଫା ଦାବି କରି ଗୁରୁବାର ସନ୍ଧ୍ୟାରେ ଫକୀରମୋହନ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଶ୍ନପତ୍ର ପ୍ରଘଟ ଫଳରେ ରାଜ୍ୟବ୍ୟାପୀ ୨୫୦ଟି କେନ୍ଦ୍ରରେ ପରୀକ୍ଷା ବାତିଲ୍ କରାଯାଇଛି। ୧,୧୨,୭୧୭ ପରୀକ୍ଷାର୍ଥୀ ନିରାଶ ହୋଇଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏବିଭିପି ଦାବି କରିଛି। ଆନ୍ଦୋଳନରେ ଏବିଭିପିର ରାଜ୍ୟ ସହସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ ନେତୃତ୍ୱ ନେଇଥିବାବେଳେ ସୁବ୍ରତ କୁମାର ମାଝୀ, ଅସିମ୍ ଖୁଣ୍ଟିଆ, ଶୁଭମ୍ ନାୟକ, ଆଲୋକ ରଞ୍ଜନ ସାହୁ, ଅଭିଜିତ୍ କର, ଗଣେଶ ରାଓ, ଅର୍ପିତା ମହାକୁଡ଼, ସାଗର ଦାସ, ପ୍ରିତମ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ପରୀକ୍ଷାକୁ ଅନଲାଇନ୍ କରିବା ସହ ବ୍ୟବସ୍ଥାରେ ସୁଧାର ଆଣିବାକୁ ମଧ୍ୟ ଏବିଭିପି ଦାବି କରିଛି।

### ପଳସାରେ ବ୍ରହ୍ମ ଏକାକ୍ଷର ଯଜ୍ଞ



**ଖଇରା, ୧୭।୧(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ପଳସା ମଠରେ ବ୍ରହ୍ମ ଏକାକ୍ଷର ଯଜ୍ଞ ୧୪ରୁ ଆରମ୍ଭ ହୋଇ ୧୬ତାରିଖରେ ଉଦ୍ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଭାରତୀ ମହାନ୍ତି, ପ୍ରଶାନ୍ତି ବେହେରା, ପ୍ରଣତୀ ମହାନ୍ତି, ପୂର୍ଣ୍ଣିମା ବେହେରା, ଭୁବନେଶ୍ୱରୀ ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଗ୍ରାମ ମହାଦେବ ପୋଖରୀରୁ କଳସ ଅଣାଯାଇଥିଲା। ମଠ ମହନ୍ତ ଗଙ୍ଗାଧର ମହାନ୍ତି ଓ ଅମରେଶ ମହାନ୍ତି, ଅବିନାଶ ମହାନ୍ତି, ପ୍ରଦୀପ ବେହେରା, ସରୋଜ କୁମାର ମହାନ୍ତି, ଜନାର୍ଦ୍ଦନ ଦାସ, ଭାଗୀରଥି ମହାନ୍ତିଙ୍କ ଦ୍ୱାରା ୩ଦିନ ଧରି ଯଜ୍ଞ ଚାଲିବା ପରେ ବୁଧବାର ଆହୁତି ଦିଆଯାଇଥିଲା। ଭାଗବତ ଏକାଦଶ ସ୍କନ୍ଧ ପାଠ କରାଯାଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା। ନାରାୟଣ ଚନ୍ଦ୍ର ବେହେରା, ଭାଗୀରଥି ସାହୁ, ବିଜୁ ବାରିକ ଓ ମଣିଭଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଧୁମ୍‌ଧାମରେ ଚାଲିଛି କୁପାରୀ ମକର ମେଳା



**ଖଇରା, ୧୭।୧(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀର ପ୍ରସିଦ୍ଧ ମକର ମେଳା ଧୁମଧାମ୍‌ରେ ଆଗେଇ ଚାଲିଛି। ୧୪ତାରିଖରେ ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ପାତ୍ର ଓ ଇନ୍ଦ୍ରମଣି ଦାସଙ୍କ ଦ୍ୱାରା କଳସ ଅଣାଯାଇଥିଲା। ସୁରେନ୍ଦ୍ର ପଣ୍ଡା ଓ ସୁରେନ୍ଦ୍ର ବହଳିଙ୍କ ଦ୍ୱାରା କପିଳ ମୁନିଙ୍କର ଆରାଧନା କରାଯିବା ସହ ହୋମଯଜ୍ଞାଦି କର୍ମର ଆୟୋଜନ କରାଯାଇଥିଲା। ୧୫ ଓ ୧୬ ତାରିଖ ଦୁଇଦିନ ଧରି ଗଣିଜାଙ୍ଗର ବିଶିଷ୍ଟ ପାଲାଗାୟିକା ସସ୍ମିତା ସାହୁଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ମେଳା କମିଟି ଉପଦେଷ୍ଟା ଶୁଭେନ୍ଦ୍ର ମୁନୀ, ସଭାପତି ଜୟନ୍ତ କୁମାର ରାଉତ, ସମ୍ପାଦକ ବିଜୟ କୃଷ୍ଣ ମହାପାତ୍ର, ବୀରଭଦ୍ର ଜେନା, ଭଗବାନ ଚରଣ ସାହୁ, ମାନସ ରଞ୍ଜନ ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମେଳା ସୁଚାରୁରୂପେ ଆଗେଇ ଚାଲିଛି। ଗୁରୁବାର ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ପ୍ରସିଦ୍ଧ ମକରମେଳା ପାଇଁ ତୋରଣଟିଏ ନିର୍ମାଣ ହୋଇ ନ ପାରିବା, ଦୋକାନୀ ସଂଖ୍ୟା ଯଥେଷ୍ଟ କମି ଆସୁଥିବା ଯାତ୍ରୀଙ୍କୁ ନିରାଶ କରିଛି। ୧୯ତାରିଖରେ ବାଲେଶ୍ୱର ସାଂସ୍କୃତିକ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୨୨ତାରିଖରେ ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ ଦ୍ୱାରା ମେଲୋଡି ପରିବେଷଣ କରାଯିବାର କାର୍ଯ୍ୟକ୍ରମ ଅଛି।

## 'ବିକାଶ ଯୋଜନା ଏବେ ପାଲଟିଛି ବିନାଶ ଯୋଜନା'

**ଭୋଗରାଇ, ୧୭।୧(ଡି.ଏନ.ଏ.)**

ବିନାଶ କାଳରେ ବିପରୀତ ବୁଦ୍ଧି ଭଳି ଓଡ଼ିଶା ସରକାର ଗୋଟିଏ ପରେ ଗୋଟିଏ ଯୋଜନା ପ୍ରଣୟନ କରିଚାଲିଛନ୍ତି। ଏହି ଯୋଜନା ମଧ୍ୟରେ ଓଡ଼ିଶାବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ସମ୍ପାଦକ ତଥା ଭୋଗରାଇ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସତ୍ୟଶିବ ଦାସ ବୁଧବାର ସନ୍ଧ୍ୟାରେ କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦାସ କହିଛନ୍ତ ଯେ, ରାଜ୍ୟ ସରକାରଙ୍କ ପ୍ରଣୀତ ଆମ ଗାଁ ଆମ ବିକାଶ ଯୋଜନା ଏବେ ଆମ ବିନାଶ ଯୋଜନାରେ ପରିଣତ ହୋଇଛି। ଉଜ୍ଜ୍ୱଳା ଯୋଜନା-ଅନ୍ଧାର ଯୋଜନା, ଯୁବବାହିନୀ- ଗୁଣ୍ଡାବାହିନୀରେ ପରିଣତ ହୋଇଥିବା ବେଳେ ସଶକ୍ତୀକରଣ ନାମରେ ମହିଳାମାନଙ୍କୁ ଠକିବାର ଯୋଜନା କରାଯାଇଛି।

'ପିଠା' ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀଯନ୍ତ୍ରୀଙ୍କ ଜଏଣ୍ଟ ଆକାଉଣ୍ଟରେ

**ଅଭିଯୋଗ ଆଣିଲା କଂଗ୍ରେସ**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃମଣ୍ଡଳୀ।

୨୫ହଜାର ଟଙ୍କା ସଚେତନ ଖର୍ଚ୍ଚ ପାଇଁ ବ୍ୟୟବରାଦ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚିତ ପ୍ରତିନିଧି ସରପଞ୍ଚଙ୍କୁ ବାଦ୍ ଦେଇ କେବଳ ନିର୍ବାହୀଯନ୍ତ୍ରୀ ଆକାଉଣ୍ଟରେ ଟଙ୍କା ଜମା ରଖିବା ଦ୍ୱାରା ଗଣତନ୍ତ୍ରକୁ ସରକାର ଏବଂ ପ୍ରଶାସନ ହତ୍ୟା କରୁଛନ୍ତି। ଭୋଗରାଇ ବ୍ଲକର ଉନ୍ନୟନ କାର୍ଯ୍ୟରେ ୨୨ ପ୍ରତିଶତ ପିସି କଟାଯାଉଥିବା ବେଳେ ଉନ୍ନୟନ ଯୋଜନାରେ ସରକାରୀ ଅର୍ଥକୁ ନେତା, ବିଭାଗୀୟ ଯନ୍ତ୍ରୀ ହରିଲୁଟ୍ କରୁଥିବା ସେ ଅଭିଯୋଗ କରିଛନ୍ତି। 'ପିଠା' ଯୋଜନା 'ପିଟା' ଯୋଜନା ଏବଂ କୃଷକଙ୍କ ପାଇଁ 'କାଳିଆ' ଯୋଜନା ଏବେ ଘୋଳିଆ ଯୋଜନା ହୋଇ ସରକାରଙ୍କ ଅନ୍ୟ ଏକ ଚିଟ୍‌ଫଣ୍ଡ ଯୋଜନାରେ ପରିଣତ ହୋଇଛି। ସରକାରଙ୍କ ଏ ସମସ୍ତ ଯୋଜନା ଆଗାମୀ ନିର୍ବାଚନରେ ପ୍ରତିଫଳିତ ହୋଇ କଂଗ୍ରେସ ନେତୃତ୍ୱରେ ଏକ ନୂତନ ସରକାର ଗଠନର ଆହ୍ୱାନ ସୃଷ୍ଟି ହୋଇଛି ବୋଲି କଂଗ୍ରେସ ନେତୃମଣ୍ଡଳୀ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ କଂଗ୍ରେସ ନେତା ସନ୍ତୋଷ କୁମାର ଜେନା, ଦୀପେଶ ଚନ୍ଦ୍ର ରାୟ, ବରେନ୍ଦ୍ର କୁମାର ପାତ୍ର, ସରପଞ୍ଚ ଧର୍ମପଦ ଦାସ, ରାଜକିଶୋର ନାୟକ ଓ ରାଜେନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ମହୋତ୍ସବ ପାଇଁ ଚୂଡ଼ାନ୍ତ ବୈଠକ

**ସଜନାଗଡ଼, ୧୭।୧(ଡି.ଏନ.ଏ.):** ଆସନ୍ତା ୨୬ରୁ ଫିଆଟ୍ ଲକ୍ସ କ୍ଲବ ତରଫରୁ ଏକ ମହୋତ୍ସବ ନୀଳଗିର ଉପଖଣ୍ଡରେ ଅନୁଷ୍ଠିତ ହେବେ। ଏନେଇ ଗୁରୁବାର କ୍ଲବ ସଭାପତି ଦୀପ୍ତିକାନ୍ତ ପୃଷ୍ଟିଙ୍କ ସଭାପତିତ୍ୱରେ ଏକ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୮ବର୍ଷ ଧରି ଅଗ୍ରଣୀ ଯୁବ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଜାନୁୟାରୀ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଏହି ମହୋତ୍ସବ ପାଳିତ ହେବ। ଏତଦ୍‌ବ୍ୟତୀତ ୨୬ରେ ଏକ ରକ୍ତଦାନ ଶିବିର ଏବଂ ୨୭ ତାରିଖରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏକ ମାଗଣା ସ୍ୱାସ୍ଥସେବା ଶିବିର ଅନୁଷ୍ଠିତ ହେବା ଲାଗି ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସଭାପତି ଭବତୋଷ ଜେନା, ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ସହସମ୍ପାଦକ ବିବେକ କୁମାର ସାହୁ ଏବଂ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଶିଶୁ ହୃଦ୍‌ରୋଗ ଚିହ୍ନଟ ଶିବିର

**ବାଲେଶ୍ୱର ଅଫିସ, ୧୭।୧**





ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଣେ ଶିଶୁକୁ ଚିକିତ୍ସା କରାଯାଉଛି।

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ସମିତି ଓ କଲିକତାର ନାରାୟଣ ସୁପର ସ୍ପେସିଆଲିଟି ହସ୍‌ପିଟାଲ୍‌ର ମିଳିତ ସହଯୋଗରେ 'ଶିଶୁ ହୃଦ୍‌ରୋଗ ଚିହ୍ନଟ ଶିବିର' ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାଲେଶ୍ୱର ଓ ଭଦ୍ରକ ଜିଲାର ୮୦ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ନାରାୟଣ ସୁପର ସ୍ପେସିଆଲିଟି ହସ୍‌ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ନିହାର ପାଠକ, ଡା. ଆରିତ୍ର ମୁଖାର୍ଜୀ ଓ ଏସ୍‌ସିବି ମେଡ଼ିକାଲ କଲେଜର ଡା. ପ୍ରମୋଦ କୁମାର ହୃଦ୍‌ରୋଗ ସମ୍ବନ୍ଧୀୟ ପରୀକ୍ଷା ଓ ପରାମର୍ଶ କରିଥିବା ବେଳେ ଶିଶୁରୋଗ ବିଶେଷଜ୍ଞ ଡା. ଶୁଭେନ୍ଦୁ ମଢୁଆଳ, ଡା. ଅରୁଣ କୁମାର ଗିରି ପ୍ରମୁଖ ଏହି ଶିବିରରେ ଅନ୍ୟାନ୍ୟ ଶିଶୁରୋଗ ପରୀକ୍ଷା କରିଥିଲେ। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ଅରୁପ କୁମାର ଦାସ, ଡା. ବନବିହାରୀ ଦାସ ମହାପାତ୍ର, ରାଜ୍ୟ ବିଦ୍ୟାଳୟ ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରଶାନ୍ତ ପ୍ରଧାନ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜିଲା ମ୍ୟାନେଜର ସୂର୍ଯ୍ୟଜିତ ରାୟ, ଡିପିଏମ୍ ପ୍ରଭୁ ପ୍ରତ୍ୟନ୍ତ ପତି ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ସଜନାଗଡ଼,୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଗୁରୁବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଗୁଡୁଡ଼ିହା ଗ୍ରାମର ଉପେନ୍ଦ୍ର ବେହେରା(୬୨)। ଗୁରୁବାର ସକାଳେ ପାଖ ଜଙ୍ଗଲକୁ ସେ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ମୁହଁରେ ଗଭୀର କ୍ଷତ ହୋଇଥିବା ବେଳେ ଗୁରୁତର ଭାବେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ଜଣେ ଗରିବ ଦିନମଜୁରିଆ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ବେଆଇନ ମାଟି ଖନନ ଅଭିଯୋଗ: ଜରିମାନା ଆଦାୟ

**ବସ୍ତା, ୧୭।୧(ସ୍ୱ.ପ୍ର.):** ସରକାରୀ ଜମିରୁ ବେଆଇନ ଭାବେ ମାଟି ଖନନ ଓ ପରିବହନ ଅଭିଯୋଗରେ ପ୍ରୋକଲିନ ଗାଡି ମାଲିକଙ୍କଠାରୁ ବସ୍ତା ରାଜସ୍ୱ ବିଭାଗ ପକ୍ଷରୁ ୧, ୭୭, ୯୭୯ଟଙ୍କା ଜରିମାନା ଆଦାୟ କରାଯାଇଛି। ବସ୍ତା ତହସିଲର ଗୁଡିଖାଳ ଆରଆଇ ସର୍କଲ ଅନ୍ତର୍ଗତ ଜୁଣବଳଦା ମୌଜାର ସରକାରୀ ଜମିରୁ ମାଟି ଉତ୍ତୋଳନ ଅଭିଯୋଗ ପାଇ ତହସିଲଦାର ନରେନ୍ଦ୍ର ଖମାରୀ, ଅତିରିକ୍ତ ତହସିଲଦାର ମୋହିନୀକୁମାର ନାୟକ, ରାଜସ୍ୱ ନୀରିକ୍ଷକ ଦୀନବନ୍ଧୁ କିସ୍କୁ ଚଢାଉ କରିଥିଲେ।

## ଫେବୃୟାରୀ ୧୨ରୁ ରୂପ୍‌ସା ମହୋତ୍ସବ

**ରୂପ୍‌ସା, ୧୭।୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ପୋଡ଼ାଡ଼ିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ 'ରୂପ୍‌ସା ମହୋତ୍ସବ' ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ଜଗଦୀଶ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଫେବୃୟାରୀ ୧୨ ତାରିଖରେ ଏହି ମହୋତ୍ସବ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୬ଦିନ ବ୍ୟାପୀ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ଷ୍ଟଲ, ଦୋଳି, ଚର୍କି, ୱାଟରବୋଟ୍, ଡ୍ରାଗନ୍, ମୀନାବଜାର ଖୋଲିବା ସହ ଆକର୍ଷଣୀୟ ତୋରଣ ଦର୍ଶକଙ୍କ ମନମୋହିବ ବୋଲି କୁହାଯାଇଛି। ପ୍ରତି ସନ୍ଧ୍ୟାରେ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ସାଙ୍ଗକୁ ମେଲୋଡ଼ି କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଅଭିନେତ୍ରୀ ଲିପି, ହାସ୍ୟ ଅଭିନେତା ବ୍ରଜ ଓ ଗୁଡୁଙ୍କ ସମେତ ବହୁ ବିଶିଷ୍ଟ ଗାୟକ ଏହି ମହୋତ୍ସବରେ ଯୋଗଦେଇ ଦର୍ଶକଙ୍କ ମନ ମୋହିବାର କାର୍ଯ୍ୟକ୍ରମ ରହିଛି। କମିଟି ସଭାପତି ଅଧ୍ୟାପକ ରବୀନ୍ଦ୍ର ପଣ୍ଡା, ଏବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ପଣ୍ଡା ଶର୍ମା, ସଚୀନ୍ଦ୍ର ବେହେରା, ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁଧାକର ଗିରି, ନିରଞ୍ଜନ ବାରିକଙ୍କ ସମେତ ଷ୍ଟାର କ୍ଲବ ସଭାପତି ବିଜୟ ବେହେରା, ସମ୍ପାଦକ ଚନ୍ଦନ ଜେନା, କୋଷାଧ୍ୟକ୍ଷ ଦୀପକ ସାମଲ, କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରୂପ୍‌ସା ଥାନା ଓଆଇସି ସୁଚନ୍ଦ୍ର ମହାଲିକଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ସ୍ଥିର ହୋଇଛି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର କର୍ମକର୍ତ୍ତା।

## 'ପରିବର୍ତ୍ତିତ ଶିକ୍ଷା ଢାଞ୍ଚା ସହ ତାଳ ଦେଇ ଅଧ୍ୟୟନ କର'

**ଖଇରା, ୧୭।୧(ଡି.ଏନ.ଏ.)**

ଖଇରା ବ୍ଲକ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ପିଲାମାନେ ପରିବର୍ତ୍ତିତ ଶିକ୍ଷା ଢାଞ୍ଚା ସହ ତାଳ ଦେଇ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବଳରାମ ମିଶ୍ର ଯୋଗଦେଇ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ପାଲ, ଶରତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଇଂଲିଶ ଅଧ୍ୟାପିକା ଡ. ସଙ୍ଗୀତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ତଥା ଉପଦେଷ୍ଟା ଚନ୍ଦନା ଘଡେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଧାୟକ ପାଣିଗ୍ରାହୀ ବିଶୁଦ୍ଧ ପାନୀୟ ଜଳର ଭଣ୍ଡାର, କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ପ୍ରଫେସର ଯୁଧିଷ୍ଠିର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ଲାଇବ୍ରେରିଆନ ଯୋଗେନ୍ଦ୍ର କୁମାର ଗାହାଣଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## 'ସୁକର୍ମ ହିଁ ମୃତ୍ୟୁ ପରେ ମଣିଷକୁ ବଞ୍ଚାଇ ରଖେ'
### ଜିଲାସ୍ତରୀୟ ଭାରତ ସ୍କାଉଟ୍‌ସ, ଗାଇଡ୍‌ସ କ୍ୟାମ୍ପୋରି ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୧୭।୧**

ବାଲେଶ୍ୱର ପବ୍ଲିକ ହାଇସ୍କୁଲ ପରିସରରେ ଥିବା ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଭବନରେ ୧୭ତମ ଜିଲାସ୍ତରୀୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ କ୍ୟାମ୍ପୋରି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୩ଦିନ ଧରି ପାଳିତ ହେବ। ଜିଲାରେ ମୋଟ୍ ୨୮୧ଟି ବିଦ୍ୟାଳୟରୁ ସ୍କାଉଟ୍‌ସ ଶିବିରାର୍ଥୀ ୬୧୯, ଗାଇଡ୍‌ସ ଶିବିରାର୍ଥୀ ୨୦୪ ଏବଂ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍‌ଙ୍କ ସଂଖ୍ୟା ୨୮୮ ମୋଟ୍ ୧୧୧୧ ଜଣ ଶିବିରରେ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଦର୍ଶନୀ, ସ୍ୱଟ୍ ପେଣ୍ଟିଂ, କୁଇଜ୍, ସ୍କିଲ୍-ଓ-ରାମା, ଫିଜିକାଲ ଡିସ୍‌ପ୍ଲେ, ଆଡ୍‌ଭାଣ୍ଟାଜ ଆକ୍ଟିଭିଟିଜ୍, ସ୍କିଲ୍‌ଟେଷ୍ଟ, ଫାର୍ଷ୍ଟ-ଆଡ୍, ଭିଲେଜ୍ ଫେୟାର, ମାସ୍ କ୍ଲିନିଂ, ମାର୍ଚ୍ଚପାଷ୍ଟ, କ୍ୟାମ୍ପ କ୍ରାଫ୍ଟ, ଫକ୍ ଡ୍ୟାନ୍ସ, ଫକ୍ ସଙ୍ଗ, ପେଜେଣ୍ଟ ଶୋ' ଏବଂ କ୍ୟାମ୍ପଫାୟାର୍ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାର ସୂଚନା ମିଳିଛି।

ଉଦ୍‌ଘାଟକ ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ମଣିଷ ପଣିଆ ନ ଥିଲେ ପଦପଦବୀ କିମ୍ବା ସମ୍ପତ୍ତି ମୂଲ୍ୟହୀନ। ଆଭିଜାତ୍ୟ ନୁହେଁ ସୁକର୍ମ ହିଁ ମୃତ୍ୟୁ ପରେ ମଣିଷକୁ ବଞ୍ଚାଇ ରଖିଥାଏ ବୋଲି ମତ ରଖିଥିଲେ। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସର ଉପ-ସଭାପତି କାଳୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ରାଜ୍ୟ କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାଇକରାୟ, ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ, ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ, ଜିଲା କମିଶନର ସୁମତି ମଣ୍ଡଳ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁ ସ୍ୱାଗତ ଭାଷଣ ଓ ଜିଲା ସମ୍ପାଦକ ଅଶୋକ କୁମାର ନାୟକ ବାର୍ଷିକ ବିବରଣୀ ପାଠ ଏବଂ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମଡ଼ର୍ନ ପବ୍ଲିକ ସ୍କୁଲ ଗାଇଡ୍‌ସ ଏବଂ ମହାବୀର ରେସିଡେନ୍‌ସିଆଲ ସ୍କୁଲର ଗାଇଡ୍‌ସ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍କାଉଟ ମାଷ୍ଟର ନିତ୍ୟାନନ୍ଦ ପାତ୍ର, ବାବାଜୀ ଚରଣ ପାଢ଼ୀ, ଅପୂର୍ବ ରଞ୍ଜନ ଖୁଣ୍ଟିଆ, ଜୟନ୍ତ କୁମାର ପଣ୍ଡା, ଅମୂଲ୍ୟ କୁମାର ରାଉତ, ପ୍ରଦୀପ୍ତ କିଶୋର ନାୟକ, ସେକ୍ ଅବଦୁଲ, ନିରତୀ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ପାଣିଗ୍ରାହୀ ଓ ଜୟନ୍ତୀ ନନ୍ଦ ପ୍ରମୁଖ ଏହି କ୍ୟାମ୍ପୋରିରେ ସହଯୋଗ କରିଥିଲେ।





ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ କ୍ୟାମ୍ପୋରି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ୨୧ରୁ ଜଗନ୍ନାଥଙ୍କ ବେଶ ଆରମ୍ଭ

**ବେତନଟୀ,୧୭।୧(ଡ଼ି.ଏନ.ଏ):** ବୈଶିଙ୍ଗା ଥାନା ଅଧୀନ କଳମା ଛକଠାରେ ଜାନୁୟାରୀ ୨୧ରୁ କଳମା ଆଞ୍ଚଳିକ କମିଟି ଆନୁକୂଲ୍ୟରେ ୮ ଦିନ ବ୍ୟାପୀ ଜଗନ୍ନାଥଙ୍କ ୩୨ ବେଶର ପୂଜା ଓ ମେଳା ଆରମ୍ଭ ହେବ। ମାପଶ୍ମିମା ଠାକୁରାଣୀଙ୍କ ପୃଷ୍ଠାଭିଷେକ ପୂର୍ଣ୍ଣିମା ଉପଲକ୍ଷେ ଏହି ପୂଜାର ଆୟୋଜନ ହେଉଛି। ଏହି ଉପଲକ୍ଷେ ଆସନ୍ତା ୨୧ ତାରିଖରୁ ବାଲେଶ୍ୱର ଜିଲା ନହରପାଟଣା ନିକଟ ବୁଢ଼ାବଳଙ୍ଗ ,ସୋନ ଓ ଗଙ୍ଗାହାର ନଦୀର ତ୍ରିବେଣୀ ସଙ୍ଗମ ନଦୀ ଘାଟରୁ ଜଳପୂର୍ଣ୍ଣ କଳସ ପୂଜାସ୍ଥଳକୁ ଅଣାଯିବ। ୨୨ରୁ ୨୪ ତାରିଖ ୩ ଦିନ ଧରି ବିଶ୍ୱ ଶାନ୍ତି ପାଇଁ ମହାଯଜ୍ଞ ,୨୧ ରୁ ୨୮ ତାରିଖ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସନ୍ଧ୍ୟା ମାଧମରେ ଆଧାତ୍ମିକ ପରିବେଶ ଆୟୋଜିତ ହେଉଅଛି। ଏହି ଉପଲକ୍ଷେ ୮ ଦିନ ବ୍ୟାପୀ ମେଳା ମଧ ଆୟୋଜିତ ହେବ।

### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବଡସାହି,୧୭।୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ଆଗୁଆଡ ଅସ୍ତପୁରା ଗ୍ରାମରେ ନୂତନ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ମଙ୍ଗଳବାର ଅଧିବାସ ପରେ ବୁଧବାର ଏକ କଳସଯାତ୍ରାରେ ଶତାଧିକ ମହିଳାପୁରୁଷ ନଦୀରୁ ଜଳ ଆଣି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଯଜ୍ଞ ବେଦୀରେ ଘଟ ସ୍ଥାପନ କରିଥିଲେ। ବିଗ୍ରହଙ୍କ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା । ଗୁରୁବାର ଶାମ୍ବ ଦଶମୀରେ ସୂର୍ଯ୍ୟଙ୍କ ପୂଜା ହେବା ପରେ ଶତକୁମ୍ଭାଭିଷେକ ସ୍ନାନ କରାଯାଇଛି । ଗୁରୁବାର ଅପରାହ୍ନରେ ପୂଜାପାଠ ପରେ ବିଗ୍ରହ ପ୍ରବେଶ କରାଯାଇଛି । ଶ୍ରଦ୍ଧାଳୁମାନେ ଠାକୁରଙ୍କ ଆଶିଷ ଗ୍ରହଣ କରିବା ସହିତ ପ୍ରସାଦ ସେବନ କରିଛନ୍ତି । ପରିଚାଳନା କମିଟିର ସଭାପତି ପଦ୍ମଲୋଚନ ମହାନ୍ତ ଓ ସମ୍ପାଦକ କାଳିଚରଣ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଥିବା ବେଳେ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଛନ୍ତି ।

### ଟାଙ୍ଗିରିଆ, ମୟୂରହୁଡ଼ା ପାହାଡ଼ରେ ମକର ମେଳା

**କପ୍ତିପଦା,୧୭।୧(ଡି.ଏନ.ଏ):** କପ୍ତିପଦା ବ୍ଲକ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ପୌରାଣିକ କୀର୍ତ୍ତିପୀଠ ଟାଙ୍ଗିରିଆ ଓ ବାଘାଯତୀନଙ୍କ କର୍ମକ୍ଷେତ୍ର ମୟୂରହୁଡ଼ା ପାହାଡ଼ରେ ମକର ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ପାହାଡ଼ ଉପରେ ଥିବା ବସନ୍ତ ବାବା, ନାରଣ ବାବା ଏବଂ ଜଗଦୀଶ ବାବା ରହୁଥିବା ଗୁମ୍ଫାଗୁଡ଼ିକ ଜନସାଧାରଣ ବୁଲି ଦେଖିବା ସହିତ ପାହାଡ଼ ଶୀର୍ଷରେ ପୂଜା ପାଉଥିବା ଦେବୀ ଟାଙ୍ଗିରିଆ ଏବଂ ଟାଙ୍ଗରେଶ୍ୱର ମହାଦେବଙ୍କ ନିକଟରେ ମଧ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଉକ୍ତ ପୀଠରେ ମକର ପର୍ବ ଉପଲକ୍ଷେ ପାହାଡ଼ ନିକଟରେ ଭାଗବତ ପାରାୟଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଦିବାସୀ ଯାତ୍ରା ଅନୁଷ୍ଠିତ ହେଉଛି। ସବୁଠାରୁ ଆକର୍ଷଣୀୟ ହେଉଛି ଏହି ପାହାଡ଼ ଉପରୁ ସୁନେଇ ବନ୍ଧର ଦୃଶ୍ୟ। ଗ୍ରାମର ଉତ୍ସାହୀ ଯୁବକ ତଥା ଗ୍ରାମବାସୀଙ୍କ ନେତୃତ୍ୱରେ ଏଠାରେ ବହୁ ଜାକଜମକରେ ଏହି ମେଳା ମେଳା ପାଳିତ ହେଉଛି ।

### ୨୫ରୁ ବିଶ୍ୱ ଶାନ୍ତି ମହାଯଜ୍ଞ

**ବେତନଟୀ,୧୭।୧ (ଡ଼ି.ଏନ.ଏ):** ବୈଶିଙ୍ଗା ଥାନା ଅଧୀନ କ୍ଷୀରିପଦା ଛକ ନିକଟ ହାତୀପତୁକା ପଡ଼ିଆରେ ଧର୍ମଜାଗରଣ ସମନ୍ୱୟ ସମିତି ମୟୂରଭଞ୍ଜ ଆନୁକୂଲ୍ୟରେ ବିଶ୍ୱ ଶାନ୍ତି ପଞ୍ଚ ମହାଯଜ୍ଞ ଓ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହେବ। ଏନେଇ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ମକର ସଂକ୍ରାନ୍ତି ଅବସରରେ ହାତୀ ପତୁକା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଆସନ୍ତା ଜାନୁୟାରୀ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଚାଲିବ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

### ବାର୍ଷିକ ଉତ୍ସବ ଅନୁଷ୍ଠିତ

**ବଡସାହି,୧୭।୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଦୁର୍ଗାପୁର ପଞ୍ଚାୟତ ବାବା ବକ୍ରେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡାକୁ ଅବସରପ୍ରାପ୍ତ ଶିକ୍ଷକ ଦେବଗୁନ ସିଂ ଉଦ୍‌ଘାଟନ କରିଛନ୍ତି । କ୍ଲବର ସଭାପତି ବିଜୟ କୁମାର ମହାନ୍ତ ଓ ସମ୍ପାଦକ ନୀଳମାଧବ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିତ୍ରଡା କଲେଜ ଅଧାପକ ବୁଧିରାମ ସିଂ ଯୋଗଦେଇଥିଲେ।

## ବାରିପଦାରେ ବଢୁଛି ଲୁଟ୍ ଘଟଣା

# ୫ ଗିରଫ, ମାରଣାସ୍ତ୍ର, କାର୍, ବାଇକ୍ ଜବତ

**ବାରିପଦା ଅଫିସ,୧୭।୧**

ବାରିପଦା ସହରରେ କିଛି ଦିନ ହେବ ଲୁଟ ଓ ଚୋରି ମାମଲା ବୃଦ୍ଧି ପାଉଛି। ପୋଲିସର କାର୍ଯ୍ୟଶୈଳୀ ଅଭାବ ତଥା ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା ଆଲୋଚନା ହେଉଛି। ଗତ ଶୁକ୍ରବାର ବାରିପଦା ସହରର ଜନଗହଳିପୂର୍ଣ୍ଣ ଟ୍ରାଫିକ ଛକ ନିକଟରୁ ଜଣେ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ କରି ଅପରାଧୀମାନେ ଚମ୍ପଟ ମାରିଥିଲେ। ଏହାର କିଛିଦିନ ନ ବିତୁଣୁ ବୁଧବାର ସନ୍ଧ୍ୟାରେ କିଛି ଯୁବକ ଜଣେ ବ୍ୟକ୍ତିଙ୍କୁ ପାଲବଣୀ ବାଇପାସ ନିକଟରୁ ଅପହରଣ କରି ନେଇ ଲୁଟ କରିଥିଲେ। ଏହି ଘଟଣାରେ ପୋଲିସ ତତ୍ପରତା ଦେଖାଇ ରାତିଅଧିଆ ଚଢାଉ କରି ୮ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଗୁରୁବାର ଗିରଫ କରାଯାଇଛି । ଏନେଇ ଏଏସପି ଜେଆର ଶତପଥୀ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଯୁବକମାନେ ହେଲେ ବାଦଲ ମୁଖୀ, ଶେଖ ସମିମ, ଦିଲୀପ ବେରା, ରାଜା ସିଂ ଓ ଅର୍ଜୁନ ମୁଖୀ। ସେମାନଙ୍କ ନିକଟରୁ ୨ ଟି କାର, ଗୋଟିଏ ବାଇକ୍, ନଗଦ ୧୩,୧୦୦ ଟଙ୍କା, ୧୨ ଟି ମୋବାଇଲ ଓ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ଗିରଫ ଯୁବକମାନେ ଏକାଧିକ ମାମଲାରେ ସାମିଲ ଥିବା ତଦନ୍ତ ବେଳେ ଜଣାପଡିଥିବା ସେ କହିଛନ୍ତି। ସଦର ଏସଡିପିଓ କେ.ପି. ପଟ୍ଟନାୟକଙ୍କ ଉପସ୍ଥିତିରେ ବିଭିନ୍ନ ଥାନାର ଅଧିକାରୀମାନେ ଟାଉନ ଥାନାକୁ ଆସି ଅଟକ ଯୁବକଙ୍କୁ ପଚରାଉଚୁରା କରୁଥିବା ଜଣାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ କେପି ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ମୁତାବକ, ଭଦ୍ରକ ଥାନା ଅଞ୍ଚଳର ମନୋଜ କୁମାର ବାରିକ ଏକ କମ୍ପାନୀରେ ସେଲସ ଅଫିସର ଭାବେ କାର୍ଯ୍ୟ କରନ୍ତି। ସେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲା ପାଇଁ କାର୍ଯ୍ୟ କରନ୍ତି। ବୁଧବାର ସେ ରାଇରଙ୍ଗପୁରକୁ କମ୍ପାନୀ କାର୍ଯ୍ୟରେ ଯାଇଥିଲେ। ସେଠାରୁ ବାରିପଦା ଫେରି ଜାତୀୟ ରାଜପଥସ୍ଥିତ ପାଲବଣୀ ବାଇପାସ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ବାଲେଶ୍ୱର ଯିବା ପାଇଁ ବସ୍ ଅପେକ୍ଷାରେ ଥିଲେ। ଏହି ସମୟରେ ଏକ କାର ତାଙ୍କ ନିକଟରେ ଅଟକି ଥିଲା। ସେଥିରେ ୫ ଜଣ ଯୁବକ ବାହାରି ମନୋଜଙ୍କୁ ଜୋରଜବରଦସ୍ତି ଗାଡି ଭିତରକୁ ଟାଣି ନେଇଥିଲେ। ଏହାପରେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ନିଛାଟିଆ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ପାଖରେ ଥିବା ଅଢେଇ ହଜାର ଟଙ୍କା, ସୁନା ଚେନ ଏବଂ ବିଭିନ୍ନ କାଗଜପତ୍ର ଛଡାଇ ନେଇଥିଲେ। ପରେ ଧମକଚମକ ଦେଇ ମନୋଜଙ୍କ ଏଟିଏମ କାର୍ଡ ଓ ପିନ ନମ୍ବର ନେଇ ଟଙ୍କା ଉଠାଇବାକୁ ଏଟିଏମ କାଉଣ୍ଟରକୁ ଯାଇଥିଲେ। ଏତିକି ବେଳେ କୌଶଳ କ୍ରମେ ମନୋଜ ସେଠାରୁ ଖସି ଆସି ଲୋକଙ୍କୁ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ। ପରେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରି ପୋଲିସକୁ ଖବର ଦେଇଥିଲେ। ଏହା ପରେ ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ବୁଧବାର ରାତି ପ୍ରାୟ ଗୋଟାଏ ବେଳେ ପାଲବଣିସ୍ଥିତ ଏକ ଢ଼ାବା ନିକଟରେ ଏକ ଅଟୋରେ ପ୍ରାୟ ୬ ଜଣ ଯୁବକ ଥିବା ପୋଲିସ ଦେଖିବାକୁ ପାଇଥିଲା। ସେମାନଙ୍କୁ ପଚରାଉଚୁରା ବେଳେ ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ବାହାରିଥିଲା। ହେଲେ ଜଣେ ଯୁବକ ପୋଲିସକୁ ଚକମା ଦେଇ ଖସି ଯାଇଥିଲା। ମନୋଜଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୧୨/୧୯) ରୁଜୁ କରିଛି।



ଗିରଫ ଯୁବକ ଓ ଜବତ ସାମଗ୍ରୀ।

- ପୋଲିସର ରାତିଅଧିଆ ଚଢ଼ାଉ
- ୮ ଅଟକ, ଚାଲିଛି ପଚରାଉଚରା
- ଏକାଧିକ ମାମଲାରେ ଯୁବକଙ୍କ ସମ୍ପୃକ୍ତି ଅନୁମାନ
- ପାଟ୍ରୋଲିଂ ଢିଲା ଥିବା ହେଉଛି ଆଲୋଚନା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜେଏମଏମ ନେତୃବୃନ୍ଦ।

## ୨୨ରେ ମୟୂରଭଞ୍ଜ ଆସିବେ ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ

# ସାମିଲ ହେବେ ବିଜେଡି, ଭାଜପା ନେତୃବୃନ୍ଦ

**ବାରିପଦା ଅଫିସ,୧୭।୧**

ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ର କେନ୍ଦ୍ରୀୟ ଅଧ୍ୟକ୍ଷ ତଥା ଝାଡଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ ଆସନ୍ତା ୨୨ ତାରିଖରେ ଦୁଇ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। ଏ ନେଇ ଦଳର ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ ସୋରେନ ଆସନ୍ତା ୨୧ ତାରିଖରେ ତାଙ୍କର ରାଞ୍ଚିସ୍ଥିତ ବାସ ଭବନ ଠାରୁ ସଡକ ପଥ ଯୋଗେ ବାହାରି ଜାମସେଦପୁର ଠାରେ ରାତ୍ରିଯାପନ କରିବେ। ଏହାପରେ ସେଠାରୁ ୨୨ ତାରିଖରେ ସଡକପଥରେ ବାହାରି କୁଲିଅଣା ନିକଟ ଖୁକୁଡିଆରେ ଏକ ଫୁଟବଲ ପ୍ରତିଯୋଗିତାର ସମାପନ କାର୍ଯ୍ୟକ୍ରମ ଓ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଠାରୁ ବାରିପଦା ଆସି ସୁବର୍ଣ୍ଣରେଖା ଇରିଗେସନ ଗେଷ୍ଟ ହାଉସରେ ରାତ୍ରି ଯାପନ କରିବେ। ଏହା ପରେ ୨୩ ତାରିଖରେ ମୋରଡା ନିକଟସ୍ଥ ଭାତଛତର ପଡିଆ ଠାରେ ଦଳୀୟ ସମାବେଶରେ ଉପସ୍ଥିତ ଜନସମାବେଶକୁ ଉଦବୋଧନ ଦେବେ। ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ବିଜାତଳା ବ୍ଲକରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଞ୍ଚି ଫେରିଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି କେନ୍ଦ୍ରୀୟ ଅଧ୍ୟକ୍ଷ ସୋରେନଙ୍କ କାର୍ଯ୍ୟକ୍ରମରେ ଭାଜପା ଓ ବିଜେଡିର ଆଗଧାଡିର ନେତୃବୃନ୍ଦମାନେ ଦଳରେ ସାମିଲ ହେବା ନେଇ କାର୍ଯ୍ୟକ୍ରମ ରହିଛି ବୋଲି କଳିଙ୍ଗ କେଶରୀ ଜେନା କହିଛନ୍ତି। ସୋରେନଙ୍କ ଗସ୍ତକୁ ସଫଳ କରାଯିବା ପାଇଁ ଜେଏମଏମ ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଫାଗୁ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ରାଜ୍ୟ ମହିଳା ସଭାନେତ୍ରୀ ଅନୀ ସୋରେନ, ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ରାମ ଚନ୍ଦ୍ର ମୁର୍ମୁ, ପ୍ରଭୁଦାନ ମାରାଣ୍ଡି, ଗୋବିନ୍ଦ ସୋରେନ, ସୁନ୍ଦର ମୋହନ ସିଂ, ମାନଓ ବେହେରା, ରାକେଶ ବେହେରା, ଧନଞ୍ଜୟ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ନାବାଳିକା ବଳାତ୍କାରୀ କୋର୍ଟଚାଲାଣ

# କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ



ଜିଲା ମହିଳା କଂଗ୍ରେସ ଓ ଜିଲା କଂଗ୍ରେସ ସଭାପତିଙ୍କ ସହ କର୍ମକର୍ତ୍ତା।

**ବଡସାହି,୧୭।୧(ସ୍ୱ.ପ୍ର)**

- ୧୦ଲକ୍ଷ ଟଙ୍କା ସହାୟତା ଦାବି କଲା କଂଗ୍ରେସ
- ପିଆରଏମରେ ଚିକିତ୍ସାଧୀନ ନାବାଳିକା



ଗିରଫ କମଳଲୋଚନ ।

ବଡ଼ସାହି ଥାନା ଅଞ୍ଚଳରେ ୨ ଦିନ ପୂର୍ବେ ଜଣେ ୫ବର୍ଷୀୟା ନାବାଳିକାଙ୍କୁ ହୋଇଥିବା ବଳାତ୍କାର ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ କମଳ ଲୋଚନ ସିଂ(୩୦) । ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ବଡ଼ସାହି ଡାକ୍ତରଖାନା ଓ ପରେ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ତଦନ୍ତ ପୂର୍ବକ ଏକ ମାମଲା (ନଂ ୧୦/୧୯) ରୁଜୁ କରି ପୋକ୍ସୋ ଆକ୍ଟ ୬,୩୭୬(ଏବି) ଆଇପିସି ଦଫାରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଛି ।

ରାଜ୍ୟ ମହିଳା କଂଗ୍ରେସ ଓ ଜିଲା କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ବାରିପଦା ପିଆର୍‌ଏମ୍ ମେଡିକାଲରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସେମାନେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପୀଡିତାଙ୍କ ପରିବାରକୁ ତୁରନ୍ତ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ଘୋଷାଲ ଦାବି କରିଛନ୍ତି । ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଓଲଟିଲା ପିକ୍‌ଅପ୍: ୨ ମୃତ, ୨୦ ଆହତ

**ଖୁଣ୍ଟା,୧୭।୧(ଡି.ଏନ.ଏ.)**

ଖୁଣ୍ଟା ଥାନା ଅଧୀନ କହ୍ନେଇବନ୍ଧ- ବାଲେଶ୍ୱର ରାସ୍ତାର ଧାନଘେରା ଛକଠାରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ କାର୍ତ୍ତିକ ବିଶ୍ୱାଳଙ୍କ ପତ୍ନୀ ସୁଲୋଚନା ବିଶ୍ୱାଳ (୫୫ ) ଓ କଟି ଖଣ୍ଡେଇ( ୬୫)। ଏହି ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲା ରାଜବରହମପୁର ଥାନା ଅଧୀନ ଆରବନ୍ଧ ଗ୍ରାମର ବାଥୁଡି ସମ୍ପ୍ରଦାୟର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଗୁରୁବାର ପୂର୍ବାହ୍ନରେ ଏକ ମାଲବାହୀ ପିକ୍‌ଅପ ଭ୍ୟାନ ଯୋଗେ ଘରୁ ବାହାରିଥିଲେ। ସେମାନେ ଶିମିଳିପାଳ ପାଦଦେଶ ଜଡିଧର ଭସପାଳ ଗ୍ରାମରେ ଅନୁଷ୍ଠିତ ଅଠରଦେଉଳ ନାମଯଜ୍ଞ ଦେଖିବାକୁ ଯାଉଥିଲେ। ହେଲେ କହ୍ନେଇବନ୍ଧ- ବାଲେଶ୍ୱର ରାସ୍ତାର ଧାନଘେରା ଛକ ନିକଟରେ (ଓଡ଼ି ୦୧ଏ- ୬୮୮୬) ନମ୍ବର ବିଶିଷ୍ଟ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଖୁଣ୍ଟା ଅଗ୍ନିଶମ ବିଭାଗ ଓ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରି ଉଦଳା ଓ ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣଙ୍କୁ ମୃତ ଘୋଷଣା କରାଯାଇଛି । ଗୁରୁତର ୭ ଜଣଙ୍କୁ ବାରିପଦା ପିଆରଏମ ମେଡିକାଲ ପଠାଯାଇଥିବା ବେଳେ ଅନ୍ୟ ଆହତମାନେ ଖୁଣ୍ଟା ଓ ଉଦଳାରେ ଚିକିତ୍ସାଧୀନ ଅଛନ୍ତି । ଖୁଣ୍ଟା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି ।

# ସମୀବୃକ୍ଷ ପୀଠରେ ସାହିତ୍ୟ ଆସର

**କପ୍ତିପଦା,୧୭।୧(ଡି.ଏନ.ଏ)**

କପ୍ତିପଦା ବ୍ଲକ କୁଳିଅଳମ ଓ ଦେବାଳା ପଞ୍ଚାୟତର ସୀମା ନିର୍ଦ୍ଧାରଣ କରୁଥିବା ପୁରାଣ ପ୍ରସିଦ୍ଧ ସମୀବୃକ୍ଷ ପୀଠରେ ମକର ମେଳା ଧୁମଧାମରେ ଚାଲିଛି। ଏହି ଅବସରରେ ଏକ ସାହିତ୍ୟ ଆସର ସମୀବୃକ୍ଷ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ମାଟିଫୁଲ ପତ୍ରିକାର ସମ୍ପାଦକ ବସନ୍ତ କୁମାର ରାଉଳ ଏହି ସାହିତ୍ୟ ଆସରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହା ପରେ କବି ଇନ୍ଦ୍ରମଣୀ ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ପରସବଣୀ ପତ୍ରିକାର ସମ୍ପାଦକ ଡ.ରାମଚନ୍ଦ୍ର ଦେଓ, ମୁଖ୍ୟବକ୍ତା ଭାବେ ବଳାଙ୍ଗୀ ସାହିତ୍ୟ ସଂସଦ, ବାରିପଦାର ସମ୍ପଦକ ଶରତ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

# ଖଣ୍ଡିହୁଡି ତାରିଣୀ ପୀଠରେ ବାର୍ଷିକୋତ୍ସବ



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ମନ୍ଦିରକୁ ଯାଉଛନ୍ତି।

**ଉଦଳା,୧୭।୧ (ଡି.ଏନ.ଏ.)**

ଉଦଳା ବ୍ଲକ ଅଧୀନରେ ଥିବା ମା' ଖଣ୍ଡିହୁଡି ତାରିଣୀ ପୀଠରେ ଅଷ୍ଟମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି । ଦେଓ ନଦୀରୁ ଘଟୋତ୍ତଳନ କରାଯାଇ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ଦେବୀଙ୍କର ପବିତ୍ର ଘଟ ଯଜ୍ଞ ମଣ୍ଡପକୁ ପ୍ରବେଶ କରିଥିଲା । ଏଥିରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ତିନି ଦିନ ବ୍ୟାପୀ ଏହି ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ମନ୍ଦିର କମିଟି ସଭାପତି ନରେନ୍ଦ୍ର ମୋହନ ଜେନା ସୂଚନା ଦେଇଥିଲେ । ଆଠ ଦିନ ବ୍ୟାପୀ ଏହି ମେଳାର ଆୟୋଜନ କରାଯାଇଛି। ମନ୍ଦିର କମିଟିର ସମ୍ପାଦକ ବିଶ୍ୱନାଥ ବେହେରା ଏବଂ କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଗୁରୁବାର ଏହି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# 'ସାଲିସବିହୀନ ଖବର ପରିବେଷଣ କର'

**ବଡସାହି,୧୭।୧(ସ୍ୱ.ପ୍ର)**

ସଚ୍ଚୋଟ, ନିର୍ଭିକ ଓ ସାଲିସବିହୀନ ଖବର ସଂଗ୍ରହ ଓ ପ୍ରକାଶ କରିବାକୁ ବର୍ତ୍ତମାନର ଖବରଦାତାମାନେ ଗୁରୁତ୍ୱ ଦେବା ଆବଶ୍ୟକ। ଗୁରୁବାର ଅପରାହ୍ନରେ ପ୍ରେସ କ୍ଲବ ୨୪ଗୁଣନ୭ ଆନୁକୂଲ୍ୟରେ ଆୟେଜିତ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତି ସଭାରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ପ୍ରେସ କ୍ଲବ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବଡ଼ସାହି, ବେତନଟୀ, ମୋରଡା ଓ ରାସଗୋବିନ୍ଦପୁର ବ୍ଲକ ସମେତ ଜିଲାର ବିଶିଷ୍ଟ ଖବରଦାତାମାନେ ଏହି ଅବସରରେ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ପରିଚାଳନା କରିଥିଲେ। ବରିଷ୍ଠ ଖବରଦାତା ମାନିକ୍‌ଲାଲ୍ ପାଣି, ବିମଳେନ୍ଦୁ ମହାପାତ୍ର, ରଣଜିତ କୁମାର ସାହୁ, ମନୋଜ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଶଚ୍ଚିଦାନନ୍ଦ ମହାନ୍ତି, ବରିଷ୍ଠ ନେତା ପ୍ରକାଶ କରମହାପାତ୍ର, ଯୁବନେତା ଯାମିନୀକାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସ୍ମୃତି ଚାରଣ କରିଥିଲେ। ସେହିପରି ବାଣୀପୀଠ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ମହାନ୍ତଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଜିଲା ବାହାରର ଜଣେ ଲେଖାଏଁ ଖବରଦାତାଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଏହାବ୍ୟତୀତ ଫୋର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଙ୍କ ସ୍ମୃତିରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ବୃତ୍ତି ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

# କିଟ୍ ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

**ବାରିପଦା ଅଫିସ,୧୭।୧**

ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଘୋଷିତ ୧୦ ହଜାର ଟଙ୍କା ମୂଲ୍ୟର ଆଶାକିଟ୍ ପ୍ରଦାନ ଦାବିରେ ଗୁରୁବାର ମୟୂରଭଞ୍ଜ ଜିଲା ଆଶାକର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନେଇ ଆଶାକର୍ମୀ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ମଧ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ,୨୦୧୭ ମସିହାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ ସମସ୍ତ ଆଶା କର୍ମୀଙ୍କୁ ୧୦ ହଜାର ଟଙ୍କାର ଏକ ଆଶା କିଟ୍ ପ୍ରଦାନ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ରାଜ୍ୟର ୨୨ଟି ଜିଲାରେ ଏହି କିଟ୍ ପ୍ରଦାନ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲାରେ ଏ ଯାବତ ପ୍ରଦାନ କରାଯାଇ ନାହିଁ। ଏପରିକି ଜିଲା ମିନେରାଲ ଫଣ୍ଡ ମାଧ୍ୟମରେ ଏହି କିଟ୍ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ ଜିଲା ପ୍ରଶାସନ ଏ ବାବଦରେ କୌଣସି ପଦକ୍ଷେପ ନ ନେବା ନିଶ୍ଚିତ ଦୁର୍ଭାଗ୍ୟଜନକ ବୋଲି ଜିଲା ଆଶା କର୍ମୀ ସଂଘ ଅଭିଯୋଗ କରିଛି। ଏନେଇ ଆଶା କର୍ମୀ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହେଲେ ସେଠାରେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଆଶା କର୍ମୀମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ଆଶାକର୍ମୀମାନେ ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ପରେ ଆଶା କର୍ମୀଙ୍କ ଜମାଖାତାକୁ ୧୦ ହଜାର ଲେଖାଏ ଟଙ୍କା ଆସିବ ବୋଲି ସେ କହିଥିଲେ। ଏହା ପରେ କର୍ମୀମାନେ ବିକ୍ଷୋଭରୁ ଉଠିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ରାଧାରମଣ ଷଡଙ୍ଗୀ, ସିଆଇଟିୟୁର ଜିଲା ସଭାପତି ରବି ଗୋସ୍ୱାମୀ, ସମ୍ପାଦକ ଅମଳ ଦେ, ସଂଘର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଖୁଣ୍ଟିଆ, ସମ୍ପାଦିକା ରେବତୀ ପରିଡା, ଅଶୋକ ବେହେରା, ମୁଳତା ବେହେରା, ମୀରା ହଳଦାର, ରେବତୀ ଦତ୍ତ, ଉର୍ମିଳା ଦାଶ, ପୁଷ୍ପ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ।

- ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ
- 'ପିଠା'ରେ ସହଯୋଗ ନ କରିବାକୁ ଚେତାବନୀ

# ଗୋଟିଏ ପଡ଼ିଆରେ ୨ 'ପିଠା' କାର୍ଯ୍ୟକ୍ରମ

■ପଦାରେ ପଡ଼ିଲା ଗୋଷ୍ଠୀକନ୍ଦଳ
■ଦୁଇ ପେଣ୍ଡାଲ ମଝିରେ ପୋଲିସ ମୁତୟନ

**ଭଦ୍ରକ ଅଫିସ, ୧୭।୧**

ଭଦ୍ରକ ଜିଲା ସଦର ବ୍ଲକ ଅନ୍ତର୍ଗତ ବେନ୍ତାଳ ପଞ୍ଚାୟତ କେଶପୁରସ୍ଥିତ କାଶଲପୁର ପଡ଼ିଆରେ ଗୁରୁବାର ୨ଟି 'ପିଠା' କାର୍ଯ୍ୟକ୍ରମ ପୃଥକ୍ ଭାବେ ଅନୁଷ୍ଠିତ ହୋଇଥିଲା। ଗୋଟିଏ ମଞ୍ଚରେ ସରପଞ୍ଚ, କେତେକ କର୍ମୀ ଓ ବ୍ଲକ କୃଷି ଅଧିକାରୀ ମଞ୍ଚାସୀନ ହୋଇଥିବା ବେଳେ ଅନ୍ୟ ଏକ ମଞ୍ଚରେ ବିଡିଓ, ସମିତିସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଦୁଇ ପେଣ୍ଡାଲ ମୁହାଁମୁହିଁ ଅବସ୍ଥାରେ ମାତ୍ର ୨୦ ମିଟର ଦୂରତାରେ ହୋଇଥିବାରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ମଝିରେ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ମୁତୟନ ହୋଇଥିଲେ। ଗୋଟିଏ ପଞ୍ଚାୟତରେ ୨ଟି ପିଠା କାର୍ଯ୍ୟକ୍ରମ ହୋଇଥିବାରୁ ସରକାରୀ ଅଫିସର ଓ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଏହି ୨ ପେଣ୍ଡାଲରେ ଫସର ଫାଟିଛି। ସମଗ୍ର ରାଜ୍ୟରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଛି ୨ୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଓ ଏ ସମ୍ପର୍କରେ ଲୋକଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଗୋଟିଏ ପଡ଼ିଆରେ ଦୁଇଟି ସମାନ୍ତରାଳ ପିଠା କାର୍ଯ୍ୟକ୍ରମ ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ମଞ୍ଚରେ ବେନ୍ତାଳ ସରପଞ୍ଚ ଶଶଧର ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ ଏକ ମଞ୍ଚରେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁନାଥ ଧଳ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ଉପସ୍ଥିତ ଥିବା ପିଠା କାର୍ଯ୍ୟକ୍ରମ ସରକାରୀ ଭାବେ ହେଉଥିବା କୁହାଯାଇଥିଲେ ମଧ୍ୟ ଉପସ୍ଥିତ ଲୋକଙ୍କୁ ଏହା ଚକିତ କରିଥିଲା। ସରପଞ୍ଚ ଉପସ୍ଥିତ ଥିବା ମଞ୍ଚରେ ସ୍ଥାନୀୟ ବିଧାୟକ ମୋ ପଞ୍ଚାୟତର ଲୋକଙ୍କୁ ବିଭ୍ରାନ୍ତ କରିବା ସହ ବିଜେଡିରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିବା ଲାଗି ଏହା ଏକ ଚକ୍ରାନ୍ତ ବୋଲି ବକ୍ତବ୍ୟ ରଖିଥିଲେ। ବିଧାୟକ ଏହି ପଞ୍ଚାୟତକୁ ଅଣଦେଖା କରିଚାଲିଥିବାରୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ସରପଞ୍ଚ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱନାଥ ମହାରଣା, କୃଷି ଅଧିକାରୀ ତୁଳସୀ ଜେନା, ବିଜେଡିର ବରିଷ୍ଠ ସଭ୍ୟ ବନ ପଣ୍ଡା, ରବିନାରାୟଣ ପଣ୍ଡା, ୧୦ଟି ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ, ୱାର୍ଡସଦସ୍ୟା ସସ୍ମିତା ଦାସ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସରକାରୀ ଭାବେ କୁହାଯାଉଥିବା କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ହରିଶ୍ଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ପାଢ଼ୀ, ସମିତିସଭ୍ୟ ସଞ୍ଜୁକ୍ତା ମାହାନା, ସୁପରଭାଇଜର ଲକ୍ଷ୍ମୀପ୍ରିୟା ସାହୁ, ନେସ୍କୋ ଏସ୍‌ଡିଓ ପ୍ରଭାସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଭୟ ସଭାରେ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ସାଙ୍ଗକୁ ଅନ୍ୟାନ୍ୟ ସହାୟତା ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସ କହିଛନ୍ତି, ଏଭଳି ପୃଥକ୍ ପିଠା କାର୍ଯ୍ୟକ୍ରମ କରାଯିବା ଉଚିତ ନୁହେଁ। ଏ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।



ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦ୍ୱାରା ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ସରପଞ୍ଚଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### 'ମକର ପର୍ବ ଓଡ଼ିଆଙ୍କ ପାଇଁ ଗୁରୁତ୍ୱ ବହନ କରେ'



**ବାସୁଦେବପୁର, ୧୭।୧ (ଡି.ଏନ.ଏ.):** ବାସୁଦେବପୁର ବାରାପୁର ପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ବାରାପୁର ମକର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସଂସ୍କୃତି ମହୋତ୍ସବର ଚମକକୁ ବଢ଼ାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ମକର ପର୍ବ ପ୍ରତି ଓଡ଼ିଆଙ୍କ ପାଇଁ ଗୁରୁତ୍ୱ ବହନ କରୁଥିବା କହି ଏହି ମହୋତ୍ସବକୁ ସେ ପ୍ରଶଂସା କରିଥିଲେ। ସିମୁଳିଆ ଅଞ୍ଚଳର ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ମୁଖ୍ୟବକ୍ତା ଏବଂ ଭାଜପା ନେତା ମାଧବାନନ୍ଦ ମଲିକ, ଜିଲା ଅନୁସୂଚିତ ଜାତିର ସଭାପତି ଅଧର ମଲିକ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ପଣ୍ଡା, ନିର୍ମଳ ପଣ୍ଡା ଓ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁକ୍ତିକାନ୍ତ ଅଗସ୍ତୀ ସଭାପତିତ୍ୱ ଓ ଶିକ୍ଷକ ଅମିୟ ପାଣିଗ୍ରାହୀ ସଭାରେ ସଂଯୋଜନା କରିଥିଲେ। ଏହି ଅବସରରେ ମଞ୍ଚରେ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ ଓ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଶେଷରେ ଭୁବନେଶ୍ୱର ଆଶୁତୋଷ ମହାନ୍ତି ସଙ୍ଗୀତ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବିଦ୍ୟାଳୟରୁ ଚୋରି ଅଭିଯୋଗ

**ଭଣ୍ଡାରିପୋଖରୀ, ୧୭।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଫାଣ୍ଡି ଅନ୍ତର୍ଗତ ବଡ଼ବନସ୍ଥା ମଧ୍ୟମା ବିଦ୍ୟାଳୟରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ବିଦ୍ୟାଳୟ କବାଟ କୁମୁଡା ଭାଙ୍ଗି ୫ଟା ଖଟ ଚୋରି କରି ନେଇଯାଇଥିବା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହୋଇଛି। ୧୨ ତାରିଖ ଶନିବାର କ୍ଲାସ ସରିବା ପରେ ସ୍କୁଲ ଛୁଟି ହୋଇଥିଲା। ୧୫ ତାରିଖରେ ସ୍କୁଲ ଖୋଲିବା ପରେ ବିଦ୍ୟାଳୟରୁ ଖଟ ଚୋରି ହୋଇଥିବା ଶିକ୍ଷକମାନେ ଦେଖିଥିଲେ। ୧୬ ତାରିଖରେ ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୮/୧୯) ରୁଜୁ କରିଛି। ଫାଣ୍ଡି ଅଧିକାରୀ ହୃଷୀକେଶ ନାୟକ ଘଟଣାର ତଦନ୍ତ କରୁଛନ୍ତି।

### ବାର୍ଷିକ କ୍ରୀଡ଼ାରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ

**ଆରଡ଼ି, ୧୭।୧ (ଡି.ଏନ.ଏ.) :** ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରକ୍ଷାକର ବିଶ୍ୱାଳ ଓ ଶିକ୍ଷାବିତ୍ ଦୀପ୍ତିରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ଏଥିସହିତ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଖେଳ ସମାପନ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ୧୦ଟି ଇଭେଣ୍ଟରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ନଳିନୀ ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ମିନତିଲତା ପାକଳ, ସୁକାନ୍ତି ଖୁଣ୍ଟିଆ, ସୁମତି ସାହୁ, ଶିକ୍ଷକ ରଞ୍ଜୀବ ରାଉତ ଓ ଅଭିରାମ ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

### 'ସ୍ମୃତିରେ ସ୍ମୃତିରେ ପ୍ରେମାନନ୍ଦ' ଉନ୍ମୋଚିତ

**ଧାମନଗର, ୧୭।୧ (ଡି.ଏନ.ଏ.) :** ଧାମନଗର ବ୍ଲକ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟର ପୂର୍ବତନ ଇଂଲିଶ ଶିକ୍ଷକ ତଥା ବିଶିଷ୍ଟ ପାଲାଗାୟକ ସ୍ୱର୍ଗତ ପ୍ରେମାନନ୍ଦ ପତିଙ୍କ ଦ୍ୱାଦଶାହ କ୍ରିୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ 'ସ୍ମୃତିରେ ସ୍ମୃତିରେ ପ୍ରେମାନନ୍ଦ' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ମୁରଲୀଧର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ସଭାରେ ଅଧ୍ୟକ୍ଷତା କରିଥିଲେ। କବି ବିଷ୍ଣୁଚରଣ ସେଠୀ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଡ. ରାମଚନ୍ଦ୍ର ପଣ୍ଡା, ଡ. ବାସୁଦେବ ବାରିକ, ଡ. ରାଜକିଶୋର ନାୟକ, କବି ଦୟାନିଧି ମିଶ୍ର ଓ ଦିଲୀପ ମିଶ୍ରଙ୍କ ସମେତ ସହଯୋଗୀ ଶିକ୍ଷକ ଶାନ୍ତନୁ ରାଉତ, କିଶୋର ଭୋଇ, ଅଶୋକ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଦେବାଶିଷ ପତି ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ପ୍ରଫୁଲ ସାମଲ ଓ ତାଙ୍କ ପୁତ୍ର ପ୍ରୟାସକାନ୍ତୀଙ୍କୁ ଗିରଫ ଦାବିରେ ଭଦ୍ରକ ନାଗରିକ ମଞ୍ଚ ପକ୍ଷରୁ କଟକରେ ଶୋଭାଯାତ୍ରା।

# ଅଗ୍ନିବିପନ୍ନ ଛାତ୍ରୀଛାତ୍ରଙ୍କୁ ଡ୍ରେସ, ପାଠ୍ୟ ଉପକରଣ

**ଭଣ୍ଡାରିପୋଖରୀ, ୧୭।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତର ଗୁହାଳିଆ ଗ୍ରାମ ରାଉତସାହିରେ ସୋମବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ବିପନ୍ନ ଛାତ୍ରୀଛାତ୍ରଙ୍କ ପୋଷାକ, ପାଠ୍ୟଉପକରଣ, ବହି, ବ୍ୟାଗ ଇତ୍ୟାଦି ପୋଡି ନଷ୍ଟ ହୋଇଥିବାରୁ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉ ନ ଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲା ସର୍ବଶିକ୍ଷା ଅଭିଯାନ ଓ ଜିଲା ରେଡକ୍ରସ ସୋସାଇଟି ପିଲାମାନଙ୍କୁ ଗୁରୁବାର ମାଗଣା ସ୍କୁଲବ୍ୟାଗ, ପାଠ୍ୟପୁସ୍ତକ, ପୋଷାକ ପ୍ରଦାନ କରାଯାଇଛି। ଜିଲା ବାଳିକା ଶିକ୍ଷା ସଂଯୋଜିକା ଇପ୍‌ସିତା ଜେନା, ଜିଲା ସଂଯୋଜକ ଜଳନ୍ଧର ମଣ୍ଡଳ ଉପସ୍ଥିତ ରହି ବିପନ୍ନ ପିଲାମାନଙ୍କୁ ଉପକରଣ ବଣ୍ଟନ କରିଥିଲେ। ସ୍ଥାନୀୟ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ଗୁହାଳିଆ ପ୍ରଧାନଶିକ୍ଷୟିତ୍ରୀ ଅବନ୍ତୀ ନାୟକ, ଅଜୟ କୁମାର ରାୟ, ଧର୍ମେନ୍ଦ୍ର ସ୍ୱାଇଁ, ବନ୍ଦିତା ସେନ, ଖବରଦାତା ସତ୍ୟବ୍ରତ ପ୍ରଧାନ ଯୋଗ ଦେଇ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ସଂଯୋଗ ନ ହେବା ନେଇ ଅସନ୍ତୋଷ

**ତିହିଡ଼ି, ୧୭।୧ (ଡି.ଏନ.ଏ.)**

ତିହିଡି ବ୍ଲକ ବିଲଣା ଗ୍ରାମର କେତେକ ବିପିଏଲ୍‌ଧାରୀ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନାହିଁ। ସେମାନେ ଏନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଗୁରୁବାର ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯିବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ଲାଇନମ୍ୟାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ଜଣାଇଛନ୍ତି। ସରକାରଙ୍କ ଦୀନଦୟାଲ ଉପାଧ୍ୟାୟ ଯୋଜନାରେ ବିଲଣା ଗ୍ରାମରେ ବିପିଏଲ୍‌ଧାରୀ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ମାତ୍ର କେତେକ ପରିବାରକୁ ଏଥିରୁ ବାଦ୍ ଦିଆଯାଇଛି। ଲାଇନମ୍ୟାନ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ୍ ସଂଯୋଗ ଦେଇ ନ ଥିବା ବିରେନ୍ଦ୍ର କୁମାର ଦାସ, ସୁବାସ ଚନ୍ଦ୍ର ଦାସ, ହେମଲତା ଦାସ ଓ ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରିୟବ୍ରତ ନାୟକଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର


→ ନାରାୟଣ


→ ସତ୍ୟ


→ ମୀନା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଅଖିଳ ଭାରତ କୃଷକ ସଭାର ପ୍ରତିବାଦ ଶୋଭାଯାତ୍ରା

**ବାସୁଦେବପୁର, ୧୭।୧ (ଡି.ଏନ.ଏ.)**

ବାସୁଦେବପୁର ଅଖିଳ ଭାରତ କୃଷକ ସଭା ଶାଖା ପକ୍ଷରୁ ୯ ଦଫା ଦାବି ନେଇ ଗୁରୁବାର ତହସିଲ କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ ଶୋଭାଯାତ୍ରା ସହିତ ଗଣଧାରଣା ଦିଆଯାଇଥିଲା। ସ୍ୱାମୀନାଥନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରାଯିବା, ଚାଷୀ ଓ ଭାଗଚାଷୀଙ୍କୁ ଗ୍ରାମ୍ୟ କମିଟି ମାଧ୍ୟମରେ ଚୟନ ସହ କ୍ଷତିପୂରଣ ପ୍ରଦାନ, ଖରିଫ ଋତୁରେ ଅଦିନିଆ ବର୍ଷାରେ କ୍ଷୟକ୍ଷତିରୁ ବାଦ୍ ପଡିଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଧାନ କୁଇଣ୍ଟାଲ ପିଛା ୩ ହଜାରକୁ ବୃଦ୍ଧି, କୃଷିଋଣ ଛାଡ଼, ମନ୍ତେଇ ନଦୀକୁ ଲୁଣାମୁକ୍ତ କରି ୧୬ ପଞ୍ଚାୟତର ଚାଷୀଙ୍କୁ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇବା, ରାଣୀତାଲ କେନାଲ ମାଧ୍ୟମରେ ଚାଷୀଙ୍କ ଲାଗି ପାଣି ଯୋଗାଣ ଆଦି ଦାବି କରାଯାଇଛି। ଏଭଳି ଦାବି ନେଇ କୃଷକ ସଭାର କର୍ମକର୍ତ୍ତା ଓ ଚାଷୀମାନେ ଶୋଭାଯାତ୍ରାରେ ବାସୁଦେବପୁର ସହର ପରିକ୍ରମା କରିଥିଲେ। ଅଖିଳ ଭାରତ କୃଷକ ସଭାର ସଭାପତି ନାରାୟଣ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ସିପିଆଇ ନେତ୍ରୀ ବନଲତା ଜେନା, ଶୁଭେନ୍ଦୁ ପ୍ରସାଦ ମହାନ୍ତି, ଶଶଧର ବେହେରା, ସମ୍ପାଦକ ହରିହର ବେହେରା, ଜୟନ୍ତ ବେହେରା, ତ୍ରୈଲୋଚନ ଜେନା ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ପରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



କୃଷକ ମହାସଭାର ରାଲି।

■ ଜିଲା ମହୋତ୍ସବ ଉଦ୍‌ଯାପିତ

# 'ବରପୁତ୍ରଙ୍କ ମାଟି ଭଦ୍ରକ'

**ଭଦ୍ରକ ଅଫିସ, ୧୭।୧**

ଭଦ୍ରକ ଗାନ୍ଧିପଡ଼ିଆଠାରେ ୧୧ଦିନ ଧରି ଚାଲିଥିବା ସଞ୍ଜୀବ ଜୁଏଲ୍‌ସ ପ୍ରାୟୋଜିତ ଜିଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ଟ୍ରଷ୍ଟ ବୋର୍ଡ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ର ଉଦ୍‌ଯାପନୀ ସନ୍ଧ୍ୟାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦ ଯୋଗଦେଇ ଭଦ୍ରକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ପ୍ରସଙ୍ଗରେ ବକ୍ତବ୍ୟ ରଖି ଏ ମାଟି ବରପୁତ୍ରଙ୍କ ମାଟି ବୋଲି କହିଥିଲେ। ସାହିତ୍ୟଠାରୁ ଆରମ୍ଭ କରି ରାଜନୀତି ସବୁଥିରେ ଜିଲାର ବରପୁତ୍ରମାନଙ୍କ ଅବଦାନ ଅବର୍ଣ୍ଣନୀୟ। ଭଦ୍ରକର ଐତିହ୍ୟକୁ ବଞ୍ଚାଇ ରଖିବାକୁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି ସେ କହିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଏବଂ ସଞ୍ଜୀବ ଜୁଏଲ୍‌ସର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ମଲ୍ଲିକ, ଭାଜପା ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆ, କ୍ରୀଡାବିତ୍ ଗୋପାଳ ମହାପାତ୍ର, ସାମାଜିକ କର୍ମୀ ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ ସମ୍ପାଦକୀୟ ଅଭିଭାଷଣ, ଦୁର୍ଗାଶଙ୍କର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଧା ସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହୋତ୍ସବର ମୁଖପତ୍ର ଏବଂ କବୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କ କବିତା ସଙ୍କଳନ ମହକ ଉନ୍ମୋଚିତ ହୋଇଥିଲା। ସେହିପରି ବହୁ ଖବରଦାତା, ସାମାଜିକ କର୍ମୀ ଓ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଶ୍ମିତା ଦାଶ, ପ୍ରଗତିକା ଦାଶ, ଗଣେଶ ତ୍ରିପାଠୀ, ଚର୍ଚ୍ଚିକା ମହାପାତ୍ର, କରୁଣାକର ବେହୁରିଆ, ଅଶୋକ ମହନି, ରାକେଶ ଦାସ, ରୁଦ୍ରମାଧବ ବାରିକ, ଜୟ ଜଗନ୍ନାଥ ମଲ୍ଲିକ ଓ ପ୍ରଶାନ୍ତ କୁମାର ବଳ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ଟ୍ରକ୍‌ରୁ ଡିଜେଲ୍ ଚୋରି

**ଯୋଡ଼ା, ୧୭।୧(ଡି.ଏନ.ଏ.):** ଯୋଡ଼ାରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଏକ ଟ୍ରକ୍‌ରୁ ଡିଜେଲ୍ ଚୋରି କରିଛନ୍ତି। ୫୨୦ ନଂ ରାଜପଥ କଡ଼ରେ ଥିବା ପେଟ୍ରୋଲ ପମ୍ପ ନିକଟସ୍ଥ ଢାବା ନିକଟକୁ ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ଚାରିଚକିଆ ଯାନରେ ମାରଣାସ୍ତ୍ର ଧରି ୧୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଆସିଥିଲେ। ଉକ୍ତ ସ୍ଥାନରେ ଛିଡା ହୋଇଥିବା ଏକ ଟ୍ରକ୍‌ର ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇଥିଲେ। ପରେ ଉକ୍ତ ଟ୍ରକ୍‌ରୁ ଡିଜେଲ ଚୋରି କରି ନେଇଥିଲେ। ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଓ ପାଟ୍ରୋଲିଂ କରାଯାଉଛି ବୋଲି ଯୋଡା ଥାନା ସବ୍‌ଇନ୍ସପେକ୍ଟର ରଞ୍ଜିତ ପଟ୍ଟନାୟକ କହିଛନ୍ତି। ପୋଲିସ ପାଟ୍ରୋଲିଂ କଡ଼ାକଡି କରିବା ସହ ସମ୍ପୃକ୍ତ ଲୁଟେରାଙ୍କୁ ଧରିବା ପାଇଁ ଟ୍ରକ୍ ମାଲିକ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

**ଯୋଡ଼ା, ୧୭।୧(ଡି.ଏନ.ଏ.):** ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଜାମୁକୁଣ୍ଡିଆଠାରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୋଲିସ ଜିତେନ୍ଦ୍ର ବବଙ୍ଗା ନାମକ ଜଣେ ଯୁବକକୁ ଗିରଫ କରିଛି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ବୁଧବାର ଜାମୁକୁଣ୍ଡିଆ ଅଙ୍ଗନୱାଡି କେନ୍ଦ୍ରକୁ ସରକାରୀ ଟିକାକରଣ ପାଇଁ ଯାଇଥିଲେ। ଟିକା ଦେଉଥିବା ସମୟରେ ଉକ୍ତ ଗ୍ରାମର ଜିତେନ୍ଦ୍ର ଟିକା ଉପକରଣଗୁଡିକୁ ଫିଙ୍ଗି ଦେଇଥିଲେ। ଏ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀ ବାରଣ କରିବାରୁ ଜିତେନ୍ଦ୍ର ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ ବୋଲି ଅଭିଯୋଗ ହୋଇଛି। ମହିଳା ସ୍ୱାସ୍ଥ୍ୟ କର୍ମୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୮/୧୯) ରୁଜୁ କରି ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଛି।

### ମହୁଲି ମଦ ଜବତ, ୨ ଗିରଫ

**ଯୋଡ଼ା, ୧୭।୧(ଡି.ଏନ.ଏ.):** ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡିରେ ଚୋରା ମଦ କାରବାର ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜୁରୁଡି କେଏମ୍‌ସି ବସ୍ତିର ଶ୍ରୀମତୀ ମୁଣ୍ଡାଙ୍କଠାରୁ ୧୦ ଲିଟର ଓ ଜୁରୁଡିର ରାଜା ସାମନ୍ତଙ୍କଠାରୁ ୧୦ ଲିଟର ମହୁଲି ମଦ ପୋଲିସ ଜବତ କରିଛି। ଏ ନେଇ ବାମେବାରୀ ଥାନାରେ ଏକ ମାମଲା (ନଂ. ୯/୧୯ ଓ ୧୦/୧୯) ରୁଜୁ ହୋଇଛି।

### ଦୁର୍ଘଟଣାରେ ଜଣେ ଗୁରୁତର

**ପାଟଣା, ୧୭।୧(ସ୍ୱ.ପ୍ର.):** ପାଟଣା ୨୨୦ ନମ୍ବର ଜାତୀୟ ରାଜପଥର ଊଳବେଡ଼ା ନିକଟରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ୨ ଆହତ ହୋଇଛନ୍ତି। ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ଘଟଗାଁ ଥାନା ଦାଣ୍ଡି ପଶି ଗ୍ରାମର କୁମ୍ଭ ନାଏକ ଓ ଆହତ ବ୍ୟକ୍ତି ହେଲେ ପାଟଣା ଥାନା ମାଧପୁର ଗ୍ରାମର କୁଶଧର ନାଏକ ଓ ବଳଭଦ୍ର ଗ୍ରାମର ପ୍ରଫୁଲ ନାଏକ। ଖବର ପାଇ ଆହରପଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କୁମ୍ଭଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଶିଶୁବିଦ୍ୟାମନ୍ଦିରରେ ହିନ୍ଦୀ ଦିବସ

**କେନ୍ଦୁଝର, ୧୭।୧(ସ୍ୱ.ପ୍ର.):** ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର କେନ୍ଦୁଝରଗଡ଼ରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ହିନ୍ଦୀମାସ ପାଳନ ଅବସରରେ ଶିଶୁଙ୍କ ମଧ୍ୟରେ ହିନ୍ଦୀ ତର୍କ, ପ୍ରବନ୍ଧ ଓ ପ୍ଲାଷ୍ଟିକ ପୁନଃଚକ୍ରଣ ଉପରେ ଆଧାରିତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ଆଦ୍ୟଓଁକାର ପଣ୍ଡା ପ୍ରଥମ, ପ୍ରଜ୍ଞା ପରମିତା ଦେବତା ଦ୍ୱିତୀୟ ଓ ମାନସ କୁମାର ଦୀକ୍ଷିତ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ହିନ୍ଦୀ ଆଚାର୍ଯ୍ୟ ଅକ୍ଷୟ ପଲେଇ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ସହ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ହିନ୍ଦୀ ଆଚାର୍ଯ୍ୟା ପୂର୍ଣ୍ଣିମା ମହାରଣା, ସ୍ନେହଲତା ସାହୁ ଓ ଆଚାର୍ଯ୍ୟ ଦେବାଶିଷ ସାମଲ, ବିନୟ ମହାନ୍ତ ସହଯୋଗ କରିଥିଲେ।

# ରାସ୍ତାରେ ପିଲେଟ ଗୋଲି

- ହଇରାଣ ଯାତ୍ରୀ
- ଦୁର୍ଘଟଣା ବୃଦ୍ଧି

**ଝୁମ୍ପୁରା, ୧୭।୧(ଡି.ଏନ.ଏ.)**

ପଳାଶପଙ୍ଗା-ବାମେବାରୀ ରାସ୍ତାରେ ଲୌହ ପିଲେଟ ଗୋଲି ବିଛାଇ ହୋଇ ପଡୁଛି। ସେହି ରାସ୍ତା ଦେଇ ଯାଉଥିବା ଗାଡି ଦୁର୍ଘଟଣାର ଶିକାର ହେଉଛି। ପୋଲିସ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ରାସ୍ତା ପାର୍ଶ୍ୱରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପଳାସପଙ୍ଗା-ବାମେବାରୀ ରାସ୍ତା ଦେଇ ୩୦କି.ମି. ଗଲେ ପଳାଶପଙ୍ଗା ନିକଟରେ ୨୦ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ଅପର ପାର୍ଶ୍ୱରେ ଯୋଡା କନି ମଣ୍ଡଳକୁ ସଂଯୋଗ କରୁଛି। ରାସ୍ତା ପାର୍ଶ୍ୱରେ ଥିବା ନୟାଗଡ ଏବଂ ପର୍ଜନପୁର ପଞ୍ଚାୟତରେ ରହିଛି ୨ ରେଲୱେ ସାଇଡିଙ୍ଗ୍। ଶତାଧିକ ଟ୍ରକ୍ ଓ ଟିପ୍ପର ଯୋଡା ଖଣି ମଣ୍ଡଳର ଫୁଲଝରସ୍ଥିତ ପ୍ଲାଣ୍ଟରୁ ଉକ୍ତ ୨ ରେଲୱେ ସାଇଡିଂକୁ ଚଳାଚଳ କରୁଛି। ଟ୍ରକ୍ ଚଳାଚଳରୁ ଧୂଳିଧୂଆଁରେ ପେଷି ହେଉଛନ୍ତି ଲୋକେ। ହାତୀମରା, ନୟାଗଡ, ବାମନଡିହା, ଧାତିକା,



ରାସ୍ତାରେ ବିଛାଡ଼ି ହୋଇ ପଡିଥିବା ପିଲେଟ ଗୋଲି।

ମଲଦା, ଗୋଡୁଆଟୋପା, ଧର୍ନୁର୍ଜୟପୁର, କଣ୍ଡରାପଶି ଗ୍ରାମର ଗ୍ରାମବାସୀଙ୍କ ପାଇଁ ଯାତାୟାତ ବିପଦସଙ୍କୁଳ ହୋଇଛି। ରାସ୍ତାରେ ଟ୍ରକ୍‌ରୁ ଲୌହ ପିଲେଟ ଗୋଲି ବିଛାଡି ହୋଇପଡୁଛି।

ପ୍ଲାଣ୍ଟରୁ ଉତ୍ପାଦିତ ପିଲେଟ ଗୋଲି ଟ୍ରକ୍ ଓ ଟିପ୍ପର ଯୋଗେ ନୟାଗଡ ଓ ପର୍ଜନପୁର ରେଲୱେ ସାଇଡିଂ ସହିତ ଅନ୍ୟାନ୍ୟ ଜାଗାକୁ ପରିବହନ କରୁଛି। ଓଭରଲୋଡ ତଥା ଖୋଲାମେଲାରେ ପରିବହନ ହେଉଥିବା ଯୋଗୁ ପିଲେଟ ଗୋଲି ରାସ୍ତାରେ ଛିଟିକି ପଡୁଛି। ବାଇକ୍ ଆରୋହୀ ବିଛାଇ ହୋଇ ପଡିଥିବା ପିଲେଟ ଗୋଲି ଉପରେ ଖସି ପଡୁଛନ୍ତି। ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ପିଲେଟ ଗୋଲି ପରିବହନ ହେଉଛି। ରାସ୍ତାର ସରସକୋଲା ଟୋଲ ଗେଟ ପାଖରେ ପିଲେଟ ଗୋଲି ବିଛାଇ ହୋଇ ପଡ଼ିବାରୁ ବୁଧବାର ୨ଦିନ ଧରି ବାଇକ୍ ଆରୋହୀ ଓ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଫ୍ୟାକ୍ଟ୍ରି ଏଣ୍ଡ ବଏଲର ବିଭାଗର ଅଧିକାରୀ ୟୁ. ସି. ସୂତାର୍ କହିଛନ୍ତି, ଫ୍ୟାକ୍ଟ୍ରି ବାହାରେ କିମ୍ବା ରାସ୍ତା ଉପରେ ପିଲେଟ ଗୋଲି ପଡ଼ିବା ନେଇ ଆମ୍ଭେ କିଛି ପଦକ୍ଷେପ ନେଇ ପାରିବୁ ନାହିଁ। ସଦର ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନ କହିଛନ୍ତି ଯେ, ଏ ଦିଗରେ ପଦକ୍ଷେପ ନିଆଯିବ। ବାମେବାରୀ ଥାନା ସେକେଣ୍ଡ ଅଫିସର ପରେଶ ମହାନ୍ତିଙ୍କୁ ପଚାରିବାରୁ ଏ ନେଇ ପରିବହନ ଠିକାଦାରଙ୍କୁ ତାଗିଦ କରାଯିବା ସହ ପିଲେଟ ପରିବହନ ହେଉଥିବା ପ୍ଲାଣ୍ଟ ଗୁଡିକୁ ମଧ୍ୟ କୁହାଯିବ ବୋଲି ସେ କହିଛନ୍ତି।

# ନୂତନ ଜିଲା ସଭାପତିଙ୍କୁ ଶୁଭେଚ୍ଛା

**ହାଟଡିହୀ, ୧୭।୧(ଡି.ଏନ.ଏ.)**

ନୂତନ ଭାବେ କେନ୍ଦୁଝର ଜିଲା ବିଜେଡି ସଭାପତି ଦାୟିତ୍ୱ ବିଦ୍ୟାଧର ବିଶ୍ୱାଳଙ୍କୁ ମିଳିଛି। ଏ ନେଇ ଜିଲାର ବିଭିନ୍ନ ଅଞ୍ଚଳରୁ ତାଙ୍କୁ ସମ୍ବର୍ଦ୍ଧନା ମିଳିଛି। ଶୁଭେଚ୍ଛା ଜ୍ଞାପନ ମଧ୍ୟ କରାଯାଇଛି। ବିଦ୍ୟାଧରଙ୍କ ଘର ହାଟଡିହୀ ବ୍ଲକ ଶାସଙ୍ଗ ଗ୍ରାମରେ। ସେ ଏବେ ନିଜ ପଞ୍ଚାୟତରେ ସରପଞ୍ଚ ଅଛନ୍ତି। ବିଜେଡି ଜିଲା ସଭାପତି ପଦ ମିଳିଥିବାରୁ ଦଳର ସଙ୍ଗଠନ ବୃଦ୍ଧି କରିବା ପାଇଁ ସେ ପ୍ରସ୍ତୁତ ରହିଥିବା କହିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳ, ଆଇନଜୀବୀ ରଙ୍ଗାଧର ମଲ୍ଲିକ, ବ୍ଲକ ସମ୍ପାଦକ ଅଭିମନ୍ୟୁ ସେଠି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂ, ସମାଜସେବୀ ରବୀନ୍ଦ୍ର ନାୟକ, ବିଜେଡି ବ୍ଲକ ଯୁବ ସଭାପତି ଚିନ୍ମୟ ନାୟକ, ସମାଜସେବୀ କଳ୍ପତରୁ ସେଠୀ, ବଉଳା ଟ୍ରକ୍ ମାଲିକ ସଂଘର ରମାକାନ୍ତ ନାୟକ, ବ୍ଲକ ବିଜେଡି କୃଷକ ମୋର୍ଚ୍ଚା ସଭାପତି ଶତ୍ରୁଘନ ପାତ୍ର, ଆନନ୍ଦ ରାଉତ, ବିମଳ ଯେନା,



ବିଦ୍ୟାଧରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ବିଜେଡି କର୍ମୀ।

ଯୋଗେନ୍ଦ୍ର ବେହେରା, ଅମର ରାଉତ, ଆନନ୍ଦପୁର ପୌରପରିଷଦ ୪ ନଂ ୱାର୍ଡ଼ କାଉନସିଲର ମମତା ଜେନାଙ୍କ ସମେତ ଶତାଧିକ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଜଣାଇଛନ୍ତି।

# ଚମ୍ପୁଆରେ କୁଶ ଆପଟଙ୍କୁ ସମ୍ବର୍ଦ୍ଧନା

**ଚମ୍ପୁଆ, ୧୭।୧(ଡି.ଏନ.ଏ.)**

ଚମ୍ପୁଆ ବିଜେଡି ପକ୍ଷରୁ କୁଶ ଆପଟଙ୍କୁ ଗୁରୁବାର ସ୍ଥାନୀୟ ମହାବୀର ଛକଠାରେ ସମ୍ବର୍ଦ୍ଧିତ କରାଯାଇଛି। ସଂଖ୍ୟାଲଘୁ ସଭାପତି ନେଶାର ହାୟତ, ଜିଲା ଯୁବ ସମ୍ପାଦକ ସୁକାନ୍ତ ନନ୍ଦ, ବ୍ଲକ ସଭାପତି ଚୂଡ଼ାମଣି ମହାନ୍ତ, ଏନଏସି ସଭାପତି ପ୍ରିୟନାଥ ପତି, ଦିନେଶ ମହାନ୍ତ, ଗୁଲରେଜ ଆଲାମ, ମୁବାସିର ଆଲାମ, ଉଦିତ ନନ୍ଦ, ଅନ୍ତର୍ଯାମୀ ଖିଲାର, ଦାନିଶ ଆକ୍ରମ ପ୍ରମୁଖ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। କୁଶଙ୍କୁ ୨୦୧୪ରେ ବିଜେଡି ଦଳରୁ ନିଲମ୍ବନ କରାଯାଇଥିଲା। ଏବେ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଘୋଷଣା କରାଯାଇଛି। ଏ ନେଇ ଚମ୍ପୁଆ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି। ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସମର୍ଥକ ବାଣ ଫୁଟାଇ ସ୍ୱାଗତ କରିଥିଲେ। ନିଲମ୍ବନ ପ୍ରତ୍ୟାହାର ପରେ ଆପଟ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଫେରିବା ପରେ ଚମ୍ପୁଆରେ ସମ୍ବର୍ଦ୍ଧନା ଦିଆଯାଇଥିଲା।



ବିଜେଡି କର୍ମୀଙ୍କ ସହ କୁଶ ଆପଟ।

## ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ



**ବଡ଼ବିଲ, ୧୭।୧(ସ୍ୱ.ପ୍ର.)**

ବଡ଼ବିଲ ଥାନାଞ୍ଚଳର ବିଭିନ୍ନ ସାହିବସ୍ତିରେ ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କୁ ସେବା ଗ୍ରୁପର ସଦସ୍ୟ କମ୍ବଳ ବଣ୍ଟନ କରିଛନ୍ତି। ଗୁରୁବାର ଠାକୁରାଣୀ ଅଞ୍ଚଳରୁ ଆରମ୍ଭ ହୋଇଥିବା ବଣ୍ଟନ କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବେ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡିଛି। ପ୍ରଥମ ଦିନରେ ୫୦ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଦସ୍ୟମାନେ ସହର ତଥା ସାହି, ବସ୍ତି, ହଟିଂ ଆଦି ଅଞ୍ଚଳ ବୁଲି ହିତାଧିକାରୀଙ୍କ ସହ ନିରାଶ୍ରୟ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ, ମାନିସିକ ବିକାରଗ୍ରସ୍ତ ଲୋକଙ୍କୁ କମ୍ବଳ ବଣ୍ଟନରେ କରୁଛନ୍ତି। ସେବାଗ୍ରୁପ ସଂସ୍ଥାପକ ଶଙ୍କର କୋନାର, ସମ୍ପାଦକ ପ୍ରଶାନ୍ତ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି।

## ଧାନ କିଣାରେ ଠକେଇ

**କେନ୍ଦୁଝର, ୧୭।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାନ ବିକୁଥିବା ଚାଷୀ ଠିକ୍‌ସମୟରେ ସେମାନଙ୍କ ମୂଲ୍ୟ ପାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ତେଲକୋଇ ଅଞ୍ଚଳର ନବ ନିର୍ମାଣ କୃଷକ ସଙ୍ଗଠନ ଅଭିଯୋଗ କରି ବୁଧବାର କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଧାନ କ୍ରୟ ବେଳେ ଏକ ଗ୍ରାମ ଧାନ କାଟିବା ନେଇ ବିଜ୍ଞପ୍ତି ଜାରି କରାଯାଇଛି। ୪ କିଲୋ ଧାନ କଟାଯାଉଥିବାରୁ ଚାଷୀ ଠକାମିର ଶିକାର ହେଉଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଠିକ ସମୟରେ ସେମାନଙ୍କ ଧାନର ମୂଲ୍ୟ ମିଳୁ ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ସଙ୍ଗଠନର ସଂଯୋଜକ ଇନ୍ଦ୍ରମଣି ବିଶ୍ୱାଳଙ୍କ ନେତୃତ୍ୱରେ ଚାଷୀ ଦାବିପତ୍ର ଦେଇଛନ୍ତି।

# ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ଆନନ୍ଦପୁର, ୧୭।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅଞ୍ଚଳ ବିଦ୍ୟାଳୟଗୁଡିକର ତୃତୀୟ ଶ୍ରେଣୀ ମେଧାବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଘସିପୁରା ବ୍ଲକ ଅନ୍ତର୍ଗତ ନଣ୍ଡାବର ୟୁଜିୟୁପି ସ୍କୁଲର ଛାତ୍ର ତାପସ କୁମାର ଜେନା ପ୍ରଥମ, ମଧୁକେଶରୀ ପ୍ରାଥମିକ ବିଦ୍ୟାଳୟର ଜ୍ଞାନ ପ୍ରକାଶ ସେଠୀ ଦ୍ୱିତୀୟ, ଡିଓଭି ବାମ୍ଫିଡିର ଛାତ୍ରୀ ସିନୁ ସ୍ନିଗ୍ଧା ଜେନା ତୃତୀୟ, ଯୋଗେଶ୍ୱର ନୋଡାଲ ୟୁପି ସ୍କୁଲ, ଖଇଳପାଳ ଛାତ୍ର ସ୍ୱୟଂ ସ୍ୱରୂପ ସାହୁ ଚତୁର୍ଥ, ବାଲିବରୁଆଁ ନୋଡାଲ ୟୁପିସ୍କୁଲର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶନୀ ସାହା ପଞ୍ଚମ, ରେକୁଟିଆ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଶିବ ପ୍ରସାଦ ଓଝା ଷଷ୍ଠ, ଡିଙ୍କିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ର ବିଶ୍ୱରଞ୍ଜନ ସାହୁ ସପ୍ତମ ସ୍ଥାନ ଅଧିକାର କରି ତୃତୀୟ ଶ୍ରେଣୀ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ସେହିପରି ତୃତୀୟ ଶ୍ରେଣୀ ଗରିବୀ ମେଧାବୃତ୍ତିରେ ସରସ୍ୱତୀ ଶିଶୁ ମନ୍ଦିର ରେକୁଟିଆର ଛାତ୍ରୀ ଇଶାନୀ ବଳ ପ୍ରଥମ, ତରୀମୂଳ ନୋଡାଲ ସ୍କୁଲର ଛାତ୍ରୀ ଶୁଚିସ୍ମିତା ମହାରଣା ଦ୍ୱିତୀୟ, ଛାତ୍ର ମୃତ୍ୟୁଞ୍ଜୟ ମହାପାତ୍ର ତୃତୀୟ, ବସନ୍ତପୁରା ବଳଦେବଜୀଉ ନୋଡାଲ ୟୁପିସ୍କୁଲର ଛାତ୍ର କାହ୍ନୁ ଚରଣ ସାହୁ ଚତୁର୍ଥ, ସାନ୍ତରା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଜିପ୍ସା ପ୍ରିୟଦର୍ଶନୀ ସାହୁ ପଞ୍ଚମ, ପଞ୍ଚରା ନୋଡାଲ ୟୁପିସ୍କୁଲର ଛାତ୍ର ସୁବ୍ରତ ଶେଖର ସ୍ୱାଇଁ ଷଷ୍ଠ, ରୁଦ୍ରନାରାୟଣ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ ମଲ୍ଲିକ ସପ୍ତମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ



ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଅତିଥି ଓ ଶିକ୍ଷକ।

**ଆନନ୍ଦପୁର, ୧୭।୧(ସ୍ୱ.ପ୍ର.)**

ଘସିପୁରା ଖାଡେଶ୍ୱର ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବ୍ଲକ ଶିକ୍ଷାଧିକାରୀ ଗୋପାଳ ଚନ୍ଦ୍ର ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଶୈକ୍ଷିକ ସଂଯୋଜକ ପିତବାସ ସାହୁ ବୈଠକରେ ଯୋଗଦେଇ ଶ୍ରେଣୀ କକ୍ଷରେ ଗୁଣାତ୍ମକ ଶିକ୍ଷାଦାନ, ବିଦ୍ୟାଳୟ ସୁପରିଚାଳନା, ମଧ୍ୟାହ୍ନ ଭୋଜନ ପରିଚାଳନା, ସର୍ବଶିକ୍ଷା ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ୨ଶହରୁ ଊର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଏବିଇଓ ଉତ୍ତମ କୁମାର ନାୟକ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କୃଷ୍ଣ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏବିଇଓ ମନମୋହନ ସାମଲ, ପ୍ରଧାନ ଶିକ୍ଷକ ମିନାକ୍ଷୀବାଳା ଚାନ୍ଦଙ୍କ ସହ ସମସ୍ତ ସିଆରସିସି ଉପସ୍ଥିତ ଥିଲେ। ସିଆରସିସି ସୁରେଶ ଚନ୍ଦ୍ର ମହାନ୍ତି, ଶିକ୍ଷକ ସତ୍ୟଶିବ ସୁନ୍ଦର ପଟ୍ଟନାୟକ, ବ୍ଲକ ହିସାବ ରକ୍ଷକ ସୌରଭ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## 'କାହାରିକୁ ଲାଞ୍ଚ ଦିଅନି'

**ହାଟଡିହୀ, ୧୭।୧(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତରେ ୮ ଗ୍ରାମର ଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ସରପଞ୍ଚ ବିଦ୍ୟାଧର ବିଶ୍ୱାଳ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ର, ବିଡିଓ ସୁଶାନ୍ତ ବାରିକ, ପର୍ଯ୍ୟବେକ୍ଷକ ଗଗନ ନାୟକ, ପିଇଓ କୋଦଣ୍ଡଧର ପଣ୍ଡା, ଏବିଇଓ ତପୋଧନ ସ୍ୱାଇଁ, ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ମାନସ ମହାନ୍ତି, ସ୍ୱାସ୍ଥ୍ୟ କର୍ମୀ ବିଶିକେଶନ ଦାସ, ମିଶନ ଶକ୍ତି କୋଅର୍ଡିନେଟର୍ ଜ୍ୟୋତ୍ସ୍ନାମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସରପଞ୍ଚ ବିଶ୍ୱାଳ ଅବଗତ କରାଇଥିଲେ। ନିଜ ହକ୍ ନିଜେ ନିଅ ଏବଂ କାହାରିଙ୍କୁ ଲାଞ୍ଚ ଦିଅନି ବୋଲି ଉପସ୍ଥିତ ଲୋକଙ୍କୁ ସେ କହିଥିଲେ। ଏଥିସହ ୬ ଜଣଙ୍କୁ ରାଶନ କାର୍ଡ଼, ୮ ଶହ ଜଣଙ୍କୁ ଏଲଇଡି ବଲ୍, ୩୩ ଜଣଙ୍କୁ ଭତ୍ତା, ୪ ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ଆର୍ଥିକ ସହାୟତା ଏବଂ ଏସ୍‌ଏଚଜି ଗ୍ରୁପ ଗୁଡିକୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ୧୯ରୁ ଜିଲାସ୍ତରୀୟ ଓପନ୍ ଚେସ ମିଟ୍

**ବଡ଼ବିଲ, ୧୭।୧(ସ୍ୱ.ପ୍ର.)**

ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ସ୍ପେନ୍ସର କ୍ଲବଠାରେ ଦୁଇ ଦିନିଆ ଦ୍ୱିତୀୟ କେନ୍ଦୁଝର ଜିଲା ଓପନ ଚେସ ମିଟ୍ ଆୟୋଜନ କରାଯାଉଥିବା ଜିଲା ଚେସ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ୧୯ ଓ ୨୦ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଚେସ ମିଟ୍‌ରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି।

# ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

**ଯୋଡ଼ା, ୧୭।୧(ଡି.ଏନ.ଏ.)**

ମକର ପର୍ବ ଉପଲକ୍ଷେ ସହରସ୍ଥିତ ଲକ୍ଷ୍ମୀ ପଡ଼ିଆରେ ଯୋଡ଼ା ମାର୍କେଟ ୟୁଥ୍ କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଏହି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ୧୫ରୁ ୨୦ ବର୍ଷ ବାଳିକାବାଳକ, ୧୦ରୁ ୧୫ବର୍ଷ ବାଳିକାବାଳକଙ୍କ ସହ ବୟସ୍କଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିପିଏଲର ଏଚଆର ସତ୍ୟରଞ୍ଜନ ରାଉତ ଓ ସମ୍ମାନିତ ଅତିଥି ଭାବେ ଟିପିଏଲର ଅଧିକାରୀ ଅକ୍ଷୟ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୟୁଥ୍ କ୍ଲବ ପକ୍ଷରୁ ସୁଜିତ କୁମାର ଦାସ, ପାପୁଲୁ କାରୁଆ, ବି.ଏନ. ଦାସ, ନୀତିନ ଗୋପ୍ ପ୍ରକାଶ ପାତ୍ର, ଜିତୁ ସେନ୍ ଫାଲଗୁନୀ କାରୁଆ, ରେଖା ଖାତୁନ୍, ଦୀପକ ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ



ମନ୍ତ୍ରୀଙ୍କ ଦ୍ୱାରା ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରାଯାଉଛି।

**ଆନନ୍ଦପୁର, ୧୭।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ନୂତନ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଗଣଶିକ୍ଷା, ବିଜ୍ଞାନ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ରାମଚନ୍ଦ୍ରପୁର ସରପଞ୍ଚ ଆରତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ହେମନ୍ତ ଜେନା, କାଳନ୍ଦୀ ସାହୁ, ବାବୁନି ସାହୁ, ମନ୍ମଥ ସାହୁ, ମାୟଧର ସାହୁ, ଜୟକୃଷ୍ଣ ବଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମକର ମେଳା, ଟୁସୁ ପ୍ରତିଯୋଗିତା

# ମନମୋହିଲା କୁଡୁମି ସମ୍ପ୍ରଦାୟ ନାଚଗୀତ

**ପାଟଣା, ୧୭।୧(ସ୍ୱ.ପ୍ର.)**

ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ ଅସନାହାଳି ଗ୍ରାମ ରବୈତରଣୀର ସିନ୍ଧୁରଗୌରୀ ପୀଠରେ ବୁଧବାର ସିନ୍ଧୁରଗୌରୀ ଯୁବକ ସଙ୍ଘ ତରଫରୁ ମକର ମେଳା ଅନୁଷ୍ଠିତ ହୋଇଇଛି। କୁଡୁମୀ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟଗୀତ ସହ ଟୁସୁ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଟୁସୁ ପ୍ରତିଯୋଗିତାରେ ଶିଆଳି ଯୋଡ଼ା ଟୁସୁ ମେଢ଼ ପ୍ରଥମ, ଗୋଜାପଥର ଦ୍ୱିତୀୟ ଓ କଟାବେଡା ଓ ଅଶନବାହାଳି ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛି। ଅୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ଖବରଦାତା କିଶୋର ଚନ୍ଦ୍ର ମହାନ୍ତ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ଖବରଦାତା ମହେଶ୍ୱର ପୃଷ୍ଟି, ସ୍ଥାନୀୟ ସମିତିସଭ୍ୟା ଧରିତ୍ରୀ ମହାନ୍ତ, ସାମାଜିକ କର୍ମୀ କୁଶ ମୁଣ୍ଡା, ଗିରିଶ ନାଏକ, ଶିକ୍ଷକ ଭୀମସେନ ମହାନ୍ତ, ଖବରଦାତା ସନ୍ତୋଷ ପତି କାମିନୀକାନ୍ତ ଦିବେଦୀ, ରଞ୍ଜନ ବାରିକ ଓ ସୁଜିତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ନାଚଗୀତରେ କୁଡୁମି ସମ୍ପ୍ରଦାୟର ଲୋକେ।

ଉକ୍ତ କାର୍ଯ୍ୟକ୍ରମରେ କୁଡୁମି ସମ୍ପ୍ରଦାୟର ନାଚଗୀତ ଲୋକଙ୍କ ମନମୋହିଥିଲା। ବହୁ ସାଧାରଣ ଜନତା ଓ ସ୍ଥାନୀୟ ମହାନ୍ତ ସମ୍ପ୍ରଦାୟର ଲୋକେ ଉପସ୍ଥିତ ରହି ଭରପୁର ଆନନ୍ଦ ଉଠାଇଥିଲେ। ସିନ୍ଧୁରଗୌରୀ ଯୁବକ ସଙ୍ଘର ସଦସ୍ୟ ନିରଞ୍ଜନ ମହାନ୍ତ, ମୋହନ ଚରଣ ମହାରଣା, ଲୋକନାଥ ମହାନ୍ତ, ଉମେଶ ମହାନ୍ତ, ପପୁନ ମହାନ୍ତ, ରବୀନ୍ଦ୍ର ନାଥ ମହାନ୍ତ, ସନ୍ତୋଷ ମହାନ୍ତ ଓ ସୁଶାନ୍ତ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ହାଟଡିହୀ ବ୍ଲକ ପରିଦର୍ଶନ

**ହାଟଡିହୀ, ୧୭।୧(ଡି.ଏନ.ଏ.):** ଶିକ୍ଷା ବିଭାଗ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ହାଟଡିହୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଶିକ୍ଷା ବିଭାଗର ବିଭିନ୍ନ ବିଷୟରେ ପଚାରି ବୁଝିବା ସହ ଅନୁଧ୍ୟାନ କରିଥିଲେ। ଅଁରା ହାଇସ୍କୁଲକୁ ନେଇ ହୋଇଥିବା ଅଭିଯୋଗ ଉପରେ ତଦନ୍ତ ମଧ କରିଛନ୍ତି। ମହାନ୍ତିଙ୍କ ପରିଦର୍ଶନ ସମୟରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ବିଇଓ ଗୁଣନିଧି ଦାଶ, ଏବିଇଓ ସୁରେଶ ଜେନା, ବିଆରସିସି ତପୋଧନ ସ୍ୱାଇଁ ଉପସ୍ଥିତ ଥିଲେ। ଏଥିସହ ବିଜେଡି ଜିଲା ସଭାପତି ବିମ୍ବାଧର ବିଶ୍ୱାଳ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ଜେନା ଉପସ୍ଥିତ ରହି ନିର୍ଦ୍ଦେଶକ ମହାନ୍ତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

### ଆଦିବାସୀ ଅଧ୍ୟୁଷିତ ଇଲାକାରେ ଚେଙ୍କ ରୋକିବାକୁ ସଚେତନତା

**ରାଇସୁଆଁ, ୧୭।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଚେଙ୍କ ଚିକିତ୍ସା ରୋକିବା ପାଇଁ ସଦର ପୋଲିସ ପକ୍ଷରୁ ସଚେତନତା କରାଯାଇଛି। ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସଦର ଥାନା ଅଧିକାରୀ ସ୍ମୃତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସଆଇ ତ୍ରିନାଥ ସେଠୀଙ୍କ ସମେତ ସଦର ଥାନା କର୍ମଚାରୀ, ଆମ ପୋଲିସ କମିଟି ସଦସ୍ୟ ପ୍ରତ୍ୟୁଷ ପଟ୍ଟନାୟକ, ସଞ୍ଜୟ ସାହୁ, ଆବେଦିନ ଇସଲାମ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଦର ଥାନା ଆଇଆଇସି ସ୍ମୃତି ପ୍ରଧାନ ଲୋକଙ୍କୁ ଚେଙ୍କ ନ ଦେବାକୁ କହିଥିଲେ। ରୋଗୀଙ୍କୁ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିବାକୁ କୁହାଯାଇଥିଲା। କୌଣସି ଶିଶୁଙ୍କୁ ଚେଙ୍କ ନ ଦେବା ପାଇଁ ଲୋକଙ୍କୁ ଶପଥ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ।

### ଇଲେକ୍ଟ୍ରିସିଆନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ଭଦ୍ରକ ଅଫିସ, ୧୭।୧:** ଭଦ୍ରକ ଜିଲା ଇଲେକ୍ଟ୍ରିସିଆନ ସଂଘର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ରଞ୍ଜନ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରମିକନେତା ଦିବ୍ୟସିଂହ ନାୟକ ଯୋଗଦେଇ ଜିଲାରେ କାର୍ଯ୍ୟରତ ଇଲେକ୍ଟ୍ରିସିଆନମାନଙ୍କ ସମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଥିଲେ। ବସନ୍ତ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଶ୍ରାବଣୀ କିନ୍ନର, କୁମାର ଗୌତମ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଇଲେକ୍ଟ୍ରିସିଆନମାନେ ଜରୁରିକାଳୀନ ମୁହୂର୍ତ୍ତରେ ବନ୍ଧୁ ବୋଲି କହିଥିଲେ। ସେମାନଙ୍କ ସମସ୍ୟା ପ୍ରତି ପ୍ରଶାସନ ଓ ସରକାର ଯତ୍ନବାନ ହେବା ଆବଶ୍ୟକ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

### ମଡେଲ ସ୍କୁଲର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୧୭।୧(ସ୍ୱ.ପ୍ର.):** ଆନନ୍ଦପୁର ମଡେଲ ସ୍କୁଲର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିଜୟ କୁମାର ପାଢ଼ୀ କ୍ରୀଡ଼ା ପତାକା ଉତୋଳନ କରିଥିଲେ। ଦୁଇ ଦିନ ଧରି କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ ମୁଖ୍ୟ ଅତିଥି, ଏବିଇଓ ଦୟାନିଧି ବ୍ରହ୍ମ, ଚତୁର୍ଭୁଜ ପହି, କ୍ଷୀରୋଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ସଭାରେ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟ ଅତିଥି, ତାରିଣୀ ଠାକୁରାଣୀ ଘଟଗାଁ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶୁକଦେବ ସାହୁ ମୁଖ୍ୟବକ୍ତା, ଶିକ୍ଷାବିତ୍ ଯିତେନ୍ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ଉମାକାନ୍ତ ନାୟକ, ଦୟାନିଧି ବ୍ରହ୍ମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ସୁଦାମ ଚରଣ ସାହୁଙ୍କ ସଂଯୋଜନାରେ ପରିଚାଳନା କମିଟି ସଭାପତି ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶିକ୍ଷକ ପ୍ରଭଞ୍ଜନ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଗଣେଶ୍ୱର ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜନବସତି ମୁହାଁ ବନ୍ୟପ୍ରାଣୀ

**କେନ୍ଦୁଝର, ୧୭।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଜଙ୍ଗଲ ଧ୍ୱଂସ ଯୋଗୁଁ ବନ୍ୟପ୍ରାଣୀ ବାସହରା ହୋଇପଡ଼ିଛନ୍ତି। ବନ୍ୟପ୍ରାଣୀଙ୍କ ପାଇଁ ଖାଦ୍ୟା ଭାବ ଦେଖାଦେଇଛି। ବନ ବିଭାଗ ପକ୍ଷରୁ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା ପର୍ଯ୍ୟାପ୍ତ ହେଉନଥିବାରୁ ହାତୀ, ମାଙ୍କଡ, କୁଟୁରା, ହରିଣ, ବାରହା, ଭାଲୁ, ଶିଆଳ ଆଦି ଜନବସତି ମୁହାଁ ହେଉଛନ୍ତି। ବନ୍ୟପ୍ରାଣୀ ଜନବସତି ଆଡକୁ ଆସି ମୃତ୍ୟୁ ମୁଖରେ ପଡୁଛନ୍ତି। କେନ୍ଦୁଝର ଜିଲା ମୁଖ୍ୟାଳୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର କେନ୍ଦୁଝରଠାରୁ କାଞ୍ଜିପାଣି ରାସ୍ତା ଓ କାଞ୍ଜିପାଣିଠାରୁ ଓରିଆ ଦେଇ ତେଲକୋଇ ଯାଇଥିବା ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ବନ୍ୟପ୍ରାଣୀ ବିଶେଷ କରି ମାଙ୍କଡଙ୍କ ପାଇଁ ସମସ୍ୟା ଦେଖାଦେଇଛି। ଏହି ଜଙ୍ଗଲରେ ଆଗରୁ ବହୁ ସଂଖ୍ୟାରେ ମାଙ୍କଡ ଥିଲେ। ଜଙ୍ଗଲ ମଧ୍ୟରେ ପ୍ରଚୁର ଖାଦ୍ୟ ଥିବାରୁ ବାହାରକୁ ଆସୁ ନ ଥିଲେ। ଗତ କିଛି ବର୍ଷ ହେଲା ମାଙ୍କଡ ରାସ୍ତା ଉପରକୁ ଖାଦ୍ୟ ପାଇଁ ଚାଲିଆସୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଦାବି ହୋଇ ଆସୁଛି। ମାଙ୍କଡ ଖାଦ୍ୟ ପାଇଁ ଗାଡିରେ ଯାତାୟାତ କରୁଥିବା ଯାତ୍ରୀ ଓ ବାଟୋଇଙ୍କୁ ଅପେକ୍ଷା କରି ରହୁଛନ୍ତି। ରାସ୍ତା ଉପରକୁ ଚାଲିଆସୁଥିବା ଦୃଶ୍ୟ ଅନେକଙ୍କୁ ଦୁଃଖିତ କରୁଛି। ଉକ୍ତ ରାସ୍ତା ଦେଇ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ହେଁ ଏଭଳି ସମସ୍ୟାକୁ ନେଇ ସମୀକ୍ଷା କରି ପଦକ୍ଷେପ ନେଉନାହାନ୍ତି।

ମାଙ୍କଡଙ୍କ ପାଇଁ ସର୍ବଦା ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାପାରେ ମାଙ୍କଡଙ୍କ ମଧ୍ୟ ମୃତ୍ୟୁ ଆଶଙ୍କା ରହୁଛୁ। ଅନେକ ମାଙ୍କଡଙ୍କୁ ବିଭିନ୍ନ ପ୍ରକାରର ଖାଦ୍ୟ ଦେଉଛନ୍ତି। ସେଥିରୁ ଅନେକ ମାଙ୍କଡଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେଉଛି। ଏ ନେଇ ଅନେକ ସମୟରେ ବନ ବିଭାଗ ବାରଣ କରି ଦାୟିତ୍ୱ ଶେଷ କରୁଥିବା ଅଭିଯୋଗ ହେଉଛି। ଆଖପାଖ ଜଙ୍ଗଲରେ ମାଙ୍କଡଙ୍କ ପାଇଁ ପ୍ରଚୁର ପରିମାଣରେ ବିଜୁଳି, କୋଳି ଆଦି ଫଳ ଚାଷ କରାଗଲେ ମାଙ୍କଡ ରାସ୍ତାକୁ ଆସିବେ ନାହିଁ ବୋଲି ପରିବେଶପ୍ରେମୀ ବ୍ରଜ କିଶୋର ରାୟ ମତବ୍ୟକ୍ତ କରିଛନ୍ତି। କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଭୂୟାଁ, ଜୁଆଙ୍ଗ ପୀଢ ଓ ତେଲକୋଇ ରେଞ୍ଜ ଅଞ୍ଚଳରୁ ଜୀବଜନ୍ତୁ ଜଙ୍ଗଲ ଛାଡି ନ ଆସିବେ ସେ ନେଇ ପ୍ରସ୍ତୁତ ଯୋଜନା ଠିକ କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ପରିଚାଳନା ଯୋଜନା ରହିଛି। ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଏଭଳି ସମସ୍ୟା ଘଟୁଥିବା କୁହାଯାଉଛି। ଏ ନେଇ ଡିଏଫଓ କେନ୍ଦୁଝର ସନ୍ତୋଷ ଯୋଶୀଙ୍କୁ ପଚାରିବାରୁ ଜଙ୍ଗଲ ମଧ୍ୟରେ ଫଳ ଗଛ ଲଗାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଅର୍ଥ ବରାଦ ହୋଇଛି। କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।


ରାସ୍ତା କଡରେ ଥିବା ମାଙ୍କଡ଼ ପଲ।

■ପରିଚାଳନା ଯୋଜନା ଫେଲ
■ଖାଦ୍ୟ ପାଇଁ ରାସ୍ତାରେ ମାଙ୍କଡ଼

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କାମରେ ଅନିୟମିତତା

**ତେଲକୋଇ, ୧୭।୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳରୁ ତଳସାହି ଦେଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ କାମ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ ହୋଇଛି। ଗ୍ରାମ୍ୟ ଓ ଗୃହ ନିର୍ମାଣ ପକ୍ଷରୁ ଏକ କୋଟି ୨୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ବରାଦ ରହିଛି। ଏହି କାର୍ଯ୍ୟକୁ ନେଇ ଗ୍ରାମବାସୀ ତଦନ୍ତ ଦାବି କରିଛନ୍ତି।

ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୨ ଫୁଟ ରାସ୍ତାର ଯୋଜନା ରହିଛି। ୪ ଫୁଟ ପାଇଁ ଉଭୟ ପାର୍ଶ୍ୱରେ ମୋରମ ମେଣ୍ଟାଲ ଯୋଜନା ଥିବା ବେଳେ କାର୍ଯ୍ୟରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ୱାର୍ଡମେମ୍ବର ପ୍ରଶନ୍ନ ସେଠୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଛି। ତଦନ୍ତ ପାଇଁ ଜିଲାପାଳଙ୍କୁ ଜଣାଇଅଛୁ। ଏ ନେଇ ବିଭାଗୀୟ ଯନ୍ତ୍ରୀ ରଜତ ସେଠୀଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ କର୍ମଚାରୀ ନିୟୋଜିତ ହୋଇଛନ୍ତି। କାର୍ଯ୍ୟର ତଦାରଖ କରାଯିବ ବୋଲି ସେ କହିଛନ୍ତି।


ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ।

## ଶିଶୁମନ୍ଦିର ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ

**ଧାମନଗର, ୧୭।୧ (ଡି.ଏନ.ଏ.)**

ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁରସ୍ଥିତ ବୀଣାପାଣି ଶିଶୁମନ୍ଦିର ପ୍ରତିଷ୍ଠାତା ଅନିରୁଦ୍ଧ ଦାସଙ୍କ ଅକାଳ ବିୟୋଗରେ ଶିଶୁମନ୍ଦିର ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦଶରଥ ଦାସ ଅଧ୍ୟକ୍ଷତା ଏବଂ ପ୍ରଧାନ ଆଚାର୍ଯ୍ୟ କୁଳମଣି ବେହେରା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଭାଗିରଥୀ ଦାସ, ନିରାକାର ଧଳ, ନାରାୟଣ ଚନ୍ଦ୍ର ପାଢ଼ୀ, ବିଦ୍ୟାଧର ଜେନା, ଜିଲା ପରିଷଦ ମନୋଜ ମଲ୍ଲିକ, ଅରବିନ୍ଦ ପତି, ଶିକ୍ଷକ ମନୋଜ ଜେନା, ହେମେନ୍ଦ୍ର ନାଥ ମହାନ୍ତି, ପ୍ରତାପ ସାମଲ ଓ ସରପଞ୍ଚ ପ୍ରମୋଦ ସୂତାର ପ୍ରମୁଖ ଯୋଗ ଦେଇଥିଲେ। ଯୁବ ସାମାଜିକ କର୍ମୀ ଭାବେ ଅନିରୁଦ୍ଧ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆଦର୍ଶ ଶିକ୍ଷାର ଭିତ୍ତିଭୂମି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅଲିଭା ଜ୍ୟୋତି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗୁରୁଜୀ ଶ୍ୟାମସୁନ୍ଦର ସାହୁ, ତପନ ଦାସ, ସୁରେନ୍ଦ୍ର ଦ୍ୱିବେଦୀ, ସୁବାସ ନାୟକ, ଆଚାର୍ଯ୍ୟା ସ୍ୱାଗତିକା ମିଶ୍ର ଓ ସତ୍ୟଭାମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ଆରଡି, ୧୭।୧ (ଡି.ଏନ.ଏ.)**

ଆରଡ଼ି ସନ୍ନିକଟ ମୁଆଁ ଗାଁର ସାମାଜିକ କର୍ମୀ କୃପାସିନ୍ଧୁ ବାରିକଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସରକାରୀ ଚାକିରିରୁ ଅବସର ନେବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦଳର ନେତୃବୃନ୍ଦ ଆସି ଶେଷ ଦର୍ଶନ କରିଥିଲେ।

## ପିଠା କାର୍ଯ୍ୟକ୍ରମ ସ୍ଥାନାନ୍ତର ନେଇ ସରପଞ୍ଚଙ୍କ କ୍ଷୋଭ

**ତିହିଡ଼ି, ୧୭।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ପାଇଁ ସ୍ଥାନ ବଦଳା ଯାଇଥିବାରୁ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ବୁଧବାର ଏ ସମ୍ପର୍କରେ ଅନ୍‌ଲାଇନରେ ଅଭିଯୋଗପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଏହି ପଞ୍ଚାୟତରେ ଚଳିତ ମାସ ୧୮ ତାରିଖରେ ପିଠା କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଥିଲା। ପଞ୍ଚାୟତ ପରିସରରେ ସ୍ଥାନାଭାବ ଯୋଗୁ କାର୍ଯ୍ୟକ୍ରମ ସ୍ଥାନ ବଦଳାଇବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କୁ ଚିଠି କରାଯାଇଥିଲା। ଏହି ଚିଠି ମୂଳେ ଜିଲା ମଙ୍ଗଳ ଅଧିକାରୀ ଓ ସରପଞ୍ଚ ମିଳିତ ଭାବେ ସ୍ଥାନ ଚିହ୍ନଟ କରିଥିଲେ। ନନ୍ଦପୁର ରାଜସ୍ୱ ଗ୍ରାମରେ ନିର୍ମିତ ଧାନ ଖଳାରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ଉପଯୁକ୍ତ ସ୍ଥାନ ବୋଲି ମଙ୍ଗଳ ଅଧିକାରୀ ସୂଚନା ଦେବା ପରେ ସରପଞ୍ଚ କାର୍ଯ୍ୟକ୍ରମ ପରିଚାଳନା ଲାଗି ପ୍ରସ୍ତୁତି ଚୂଡ଼ାନ୍ତ କରିଥିଲେ। ଗତ ୧୫ ତାରିଖ ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପିଠା କାର୍ଯ୍ୟକ୍ରମର ସ୍ଥାନ ପରିବର୍ତ୍ତନ ହେବ ବୋଲି ଚିଠି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦୁଇଦିନ ପୂର୍ବରୁ ହଠାତ୍ ସ୍ଥିରୀକୃତ ସ୍ଥାନକୁ ବାତିଲ କରି ଇଲେକ୍ଟ୍ରି ଷ୍ଟ୍ରକ୍ଚର ପଛପାଖ ଏକ ବିପଦସଙ୍କୁଳ ସ୍ଥାନକୁ ପରିବର୍ତ୍ତନ କରାଯିବା ନେଇ ସରପଞ୍ଚ କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ନିର୍ଦ୍ଦିଷ୍ଟ କେତେକ ରାଜନୈତିକ ବ୍ୟକ୍ତିଙ୍କ ଚାପର ବଶବର୍ତ୍ତୀ ହୋଇ ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି ଏଭଳି ନିଷ୍ପତ୍ତି ନେଇଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ସେ ଏ ସମ୍ପର୍କରେ ଅନ୍‌ଲାଇନ ଯୋଗେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ବିଭାଗ ସଚିବ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ତେଜିଲା

# କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ

**ବାରିପଦା ଅଫିସ,୧୭।୧**

ବାରିପଦାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଗୁରୁବାରଠାରୁ ଓକିଲମାନେ କୋର୍ଟ ବନ୍ଦ କରିଛନ୍ତି। ଏହି କୋର୍ଟ ବନ୍ଦ କାର୍ଯ୍ୟକ୍ରମ ଶୁକ୍ରବାର ଓ ଶନିବାର ମଧ୍ୟ ଚାଲୁ ରହିବ। ସେହିପରି ଓକିଲମାନେ ସହର ପରିକ୍ରମା କରି ସର୍ବସାଧାରଣଙ୍କୁ ସମର୍ଥନ ଜଣାଇବାକୁ ନିବେଦନ କରିଛନ୍ତି। ଜିଲା ସଂଘ ସଭାପତି ପ୍ରବୀର କୁମାର ବସା, ସାଧାରଣ ସମ୍ପାଦକ ବିପ୍ଲବ ବାରିକ ପ୍ରମୁଖଙ୍କ ସମେତ ଅନ୍ୟ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନ ହେବ ମୟୂରଭଞ୍ଜ ଜିଲା ବାରିପଦା ସହରରେ ଉତ୍ତର ଓଡ଼ିଶା ପାଇଁ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ଖୋଲିବା ପାଇଁ ଦାବି ହୋଇ ଆସୁଛି। ହେଲେ ଏନେଇ ନା ରାଜ୍ୟ ନା କେନ୍ଦ୍ର ସରକାର କେହି ବି ଗୁରୁତ୍ୱ ଦେଉ ନାହାନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ କିଛି ଦିନ ପୂର୍ବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ଚିଠି ଲେଖିଥିଲେ। ଏଥିରେ ଉତ୍ତର ଓଡ଼ିଶା କଥା ଉଲ୍ଲେଖ କରି ନ ଥିବାରୁ ମୟୂରଭଞ୍ଜ ଜିଲା ବାର୍ ଆସୋସିଏଶନ ଏହାକୁ ବିରୋଧ କରିଛି।



ବାରିପଦାରେ ଓକିଲମାନେ ସହର ପରିକ୍ରମା କରୁଛନ୍ତି।

**ଉଦଳା,(ଡି.ଏନ.ଏ.)–** ଉତ୍ତର ଓଡ଼ିଶାର ବାରିପଦା ଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗୁରୁବାର କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଓକିଲ ସଂଘ ପକ୍ଷରୁ ମଧ୍ୟ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଉଦଳା ଓକିଲ ସଂଘ ଏବଂ ଉପଖଣ୍ଡ ବାର ଆସୋସିଏସନ ଆନ୍ଦୋଳନରେ ସହଯୋଗ କରିଛନ୍ତି। । ଉଭୟ ସଂଘର ଆଇନଜୀବିମାନେ କୋର୍ଟ ସମ୍ମୁଖରେ ପିକେଟିଂ କରିବା ସହିତ ମାଜିଷ୍ଟ୍ରେଟ୍ ଓ କର୍ମଚାରୀମାନଙ୍କୁ କୋର୍ଟ ଭିତରକୁ ପ୍ରବେଶ ନ କରିବା ଫଳରେ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଥିଲା ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭଣ୍ଡାରିପୋଖରୀ, ୧୭।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବିରୋଲୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶିକ୍ଷା ସଂଯୋଜକ ସଞ୍ଜିତ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଶିକ୍ଷା ସଂଯୋଜକ ବିନୋଦ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଏବଂ ଦୁର୍ଯ୍ୟୋଧନ ଲେଙ୍କା, ସ୍କୁଲ ପରିଚାଳନା କମିଟି ସଭାପତି ବନମାଳୀ ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶରେ କ୍ରୀଡ଼ା ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ରାଜକିଶୋର ସାମଲ ଅତିଥି ପରିଚୟ ପ୍ରଦାନ ଓ ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ଜେନା, ବିଷ୍ଣୁ ଜେନା, ଭରତ ପଣ୍ଡା, ବିକଳି ଜେନା ଓ କମଳିନୀ ପଣ୍ଡା ପ୍ରମୁଖ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ।

**ବାରିପଦା ଅଫିସ,୧୭।୧**

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ଆବୋଲି ନରଅଣେଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଆଇଏଏସ ପ୍ରୋବେଶନର ହେମକାନ୍ତ ସଏ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହାଛଡା ବିଭିନ୍ନ ବିଭାଗର ଅଧିକାରୀ,ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀ,ସ୍ୱେଚ୍ଛାସେବୀ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶେଷ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ବହୁଭାଷୀ କବି ସମ୍ମିଳନୀ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟଆଦି ଅନୁଷ୍ଠିତ ହେବା ପାଇଁ ଆଲୋଚନାରେ ସ୍ଥିର ହୋଇଛି। ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହାପରେ ପୋଲିସ ବାହିନୀ, ଏନସିସି, ସ୍କାଉଟ ଆଦି ବିଭିନ୍ନ ଟ୍ରୁପମାନେ ସେମାନଙ୍କର ପରେଡ ପ୍ରଦର୍ଶନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

### ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଖୋର୍ଦ୍ଧା ଉତ୍କଳ ସ୍ପୋର୍ଟିଂ ବିଜୟୀ

**ବାସୁଦେବପୁର,୧୭।୧(ଡି.ଏନ.ଏ.)**

ବାସୁଦେବପୁର ଟାଉନକ୍ଲବ ଆନୁକୂଲ୍ୟରେ ଏବି ହାଇସ୍କୁଲ ପରିସରରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚରେ ଉତ୍କଳ ସ୍ପୋର୍ଟିଂ କ୍ଲବ ଖୋର୍ଦ୍ଧା୧–୦ ଗୋଲରେ ଧାନବାଦ କ୍ଲବ ଝାଡଖଣ୍ଡକୁ ହରାଇ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ କେହି ଦଳ କାହାରି ବିପକ୍ଷରେ ଗୋଲ ସ୍କୋର କରିପାରି ନ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଉତ୍କଳ ସ୍ପୋର୍ଟିଂ କ୍ଲବ ଖୋର୍ଦ୍ଧା ଗୋଟିଏ ଗୋଲ ଦେଇ ବିଜୟୀ ହୋଇଛି। ଗୁରୁବାର ଖେଳରେ ମୁଖ୍ୟଅତିଥି ଭାବରେ ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ, ଅନ୍ୟତମ ଅତିଥି ଭାବେ ବାସୁଦେବପୁର ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ କବୀନ୍ଦ୍ର ଦେ, ଏବି ହାଇସ୍କୁଲ ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢ଼ୀ ଯୋଗ ଦେଇଥିଲେ। ଶୁକ୍ରବାର ଖୁଲୁଟି କ୍ଲବ ବାଗନାନ ଓ ସ୍ପୋର୍ଟସ ହଷ୍ଟେଲ କଟକ ମଧ୍ୟରେ ପ୍ରଥମ ପାଦ ସେମି ଫାଇନାଲ ଖେଳ ଅନୁଷ୍ଠିତ ହେବ।

# 'ପିଠା'କୁ ଅସହଯୋଗ କରିବ ସରପଞ୍ଚ ସଂଘ

**ବଡସାହି,୧୭।୧(ସ୍ୱ.ପ୍ର)**

ରାଜ୍ୟ ସରପଞ୍ଚ ସଂଘର ନିଷ୍ପତି କ୍ରମେ ସରକାରଙ୍କ 'ପିଠା' କାର୍ଯ୍ୟକ୍ରମରେ ଅସହଯୋଗ କରିବାକୁ ବଡ଼ସାହି ବ୍ଲକର ସରପଞ୍ଚମାନେ ଜଣାଇଛନ୍ତି । ରାଜ୍ୟ ସଂଘର ସମ୍ପାଦକ ତଥା ବଡ଼ସାହି ବ୍ଲକ ଗୋଟିଲାଖୁଣ୍ଟା ସରପଞ୍ଚ ନରେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି । ସରପଞ୍ଚମାନଙ୍କ ମୌଳିକ ସାମ୍ବିଧାନିକ ଅଧିକାର ଓ କାର୍ଯ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ନେଇ ରାଜ୍ୟ ସଂଘ ପକ୍ଷରୁ ୧୧ଦଫା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଗତ ଅକ୍ଟୋବରରୁ ଦାବି ହୋଇଆସୁଛି । ଅଦ୍ୟାବଧି ଦାବି ଗୁଡିକ ପୂରଣ ନ ହେବାରୁ ସଂଘ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା ସରପଞ୍ଚ ବୈଦ୍ୟନାଥ ସିଂ, ପାନ ହେମ୍ବ୍ରମ, ସୁପ୍ରଭା ସିଂ,ଦେବୀ ମାଝୀ, କାହ୍ନୁ ହେମ୍ବ୍ରମ ପ୍ରମୁଖ କହିଛନ୍ତି । ଆଗାମୀ ଦିନରେ ଦାବି ଗୁଡିକ ପୂରଣ ନ ହେଲେ ସରକାରଙ୍କ କୌଣସି କାର୍ଯ୍ୟକ୍ରମରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ।


ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

■ପୂରଣ ହେଉନି ୧୧ ଦଫା ଦାବି
■କାର୍ଯ୍ୟରେ ଉପୁଜୁଛି ସମସ୍ୟା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୮/୨୦୧୯ Balasore, Friday, January 18/2019

# 'ପିଠା' କାର୍ଯ୍ୟକ୍ରମରେ ବିଡିଓ ହଟହଟା

**ଭୋଗରାଇ,୧୭।୧(ଡି.ଏନ.ଏ.)**

୧୦ ବର୍ଷ ହେଲା ଆମକୁ ନ୍ୟାୟ ମିଳୁନି। ସଶକ୍ତୀକରଣ ନାମରେ ଦୀର୍ଘବର୍ଷ ଧରି ଆମକୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଉଛି। ଆର୍ଥିକ ଦୃଷ୍ଟିରୁ ଆମେ ଅନଗ୍ରସର। ସରକାରଙ୍କ ଯୋଜନାରେ ଆମକୁ ଅବହେଳା କରାଯାଉଛି। ଆମକୁ ନ୍ୟାୟ ନ ମିଳିଲେ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇ ବ୍ଲକ ଅଫିସ୍ ଘେରିବୁ ବୋଲି ଗୁରୁବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନାଛିପା ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱର ଉଠାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଏହି ପଞ୍ଚାୟତରେ ନାଛିପାଠାରେ 'ପିଠା' କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରଞ୍ଜନ ସେଠୀ ଯୋଗଦେଇ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖୁଥିବା ବେଳେ ଉତ୍ତ୍ୟକ୍ତ ମହିଳାମାନେ ପ୍ରତିବାଦର ଝଡ଼ ସୃଷ୍ଟି କରିଥିଲେ। ବିଡ଼ିଓ ଅଙ୍ଗନୱାଡ଼ି କର୍ମୀ ଓ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାନପତ୍ର ଓ ଆର୍ଥିକ ସହାୟତା ଘୋଷଣା କରିବା ପରେ ମହିଳାମାନେ ମିଳିତ ହୋଇ ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିରୁ ବାଦ୍ କାହିଁକି ବାଦ୍ ଦିଆଗଲା ବୋଲି ମହିଳା ପ୍ରଶ୍ନବାଣରେ ଘାଇଲା କରିଥିଲେ। ବିଡ଼ିଓଙ୍କ ସହିତ ବିଭାଗୀୟ କର୍ମଚାରୀଙ୍କୁ ଦୀର୍ଘ ସମୟ ସେମାନେ ଘେରିଯାଇ ଅଟକ ରଖିଥିଲେ। ପରେ କମର୍ଦ୍ଦା ପୋଲିସ ହସ୍ତକ୍ଷେପ କରି ତାଙ୍କୁ ଉତ୍ତ୍ୟକ୍ତ ମହିଳାଙ୍କ ଠାରୁ ଉଦ୍ଧାର କରିଥିଲେ।



ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଆର୍ଥିକ ସହାୟତା ଦାବିରେ ନାରାବାଜି କରୁଛନ୍ତି।

# ପୋଡ଼ି ହୋଇ ମହିଳା ମୃତ

**କପ୍ତିପଦା,୧୭।୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଥାନା ଅଧିନ ଶରତ ଖଳସାହି ଗ୍ରାମରେ ଜଣେ ମହିଳା ବୁଧବାର ବିଳମ୍ବିତ ରାତିରେ ନିଆଁରେ ପୋଡି ହୋଇ ପ୍ରାଣ ହରାଇଛନ୍ତି। ମୃତା ମହିଳା ଜଣକ ହେଲେ ସେହି ଗ୍ରାମର ସ୍ୱର୍ଗତ ଲକ୍ଷ୍ମଣ ଟୁଡୁଙ୍କ ପତ୍ନୀ ଲିଲିମଣୀ ମୁର୍ମୁ(୨୮)। ଲିଲି ଘରେ ଥିବା ବେଳେ ଚୁଲି ନିଆଁରୁ ଘର ଜଳିଯାଇଥିବା ତାଙ୍କ ଶ୍ୱଶୁର କହିଛନ୍ତି। ଉଦ୍ଧାର ବେଳକୁ ଲିଲି ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ ୧/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପଠାଇଛି।

# ସମିତିସଭ୍ୟାଙ୍କ ଆତ୍ମାହୁତି ଧମକ

**ସୋର,୧୭।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ଗୁଡ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ଗତ ମାସ ୨୯ ତାରିଖରେ ସମିତିସଭ୍ୟା ସୁକାନ୍ତି ଯେନା ଆତ୍ମାହୁତି ଧମକ ଦେଇ ଧାରଣାରେ ବସିଥିଲେ। ବିଡିଓ ଚାର୍ଲସ ନାୟକଙ୍କଠାରୁ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପାଇ ଯେନା ଧାରଣାରୁ ଓହରିଥିଲେ ବି ଅଦ୍ୟାବଧି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଧମକ ଦେଇଥିଲେ। ଏନେଇ ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତଶ୍ରୁତି ପରେ ସମିତିସଭ୍ୟା ଧାରଣାରୁ ଉଠିଥିଲେ।

# ଚୋରଙ୍କୁ ଧରି ଛେଚିଲେ ଗାଁ ଲୋକେ

**ଭଦ୍ରକ ଅଫିସ, ୧୭।୧ (ଡି.ଏନ.ଏ.)**

ମକର ମେଳାର ସୁଯୋଗ ନେଇ ଚୋରି କରିବାକୁ ଆସି ଗୁରୁବାର ସକାଳେ ଜଣେ ଚୋର ଗାଁ ଲୋକଙ୍କ ହାବୁଡ଼ରେ ପଡ଼ି ଛେଚା ଖାଇଛନ୍ତି। ୪ ଚୋର ଖସିଯାଇଥିବା ବେଳେ ଜଣଙ୍କୁ ଲୋକେ ଧରି ଗଛରେ ବାନ୍ଧି ନିର୍ଘୁମ ମାଡ଼ ମାରିଛନ୍ତି। ଗ୍ରାମାଞ୍ଚଳ ଥାନା ପୋଲିସ ଆସି ଉକ୍ତ ଚୋରଙ୍କୁ ଉଦ୍ଧାର କରି ଥାନାକୁ ନେଇଛି। ଏଭଳି ଘଟଣା ଘଟିଛି ଭଦ୍ରକ ବ୍ଲକ ସଦାର୍ବତ ଗାଁ ହରିଜନ ସାହିରେ। ଗାଁରେ ମକର ମେଳାରେ ଯାତ୍ରା ଦେଖିବାକୁ ଲୋକେ ଯାଇଥିଲେ। ଏହାର ସୁଯୋଗ ନେଇ ୫ ଚୋର ଆସି ଏହି ଗାଁରେ ପଶିଥିଲେ। ସେମାନେ ଲୋକଙ୍କ ଘରୁ ଚୋରି କରୁଥିବା ବେଳେ ଗ୍ରାମବାସୀ ଖବର ପାଇ ଗାଁକୁ ଘେରିଯାଇଥିଲେ। ୪ ଚୋର ଖସିଯାଇଥିବା ବେଳେ ଜଣଙ୍କୁ ଲୋକେ କାବୁ କରିନେଇଥିଲେ। ପରେ ସେମାନେ ତାଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ଗାଁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲା। ଏଥିସହ ଚୋରମାନେ ଛାଡ଼ି ଯାଇଥିବା ବାଇକ୍ ପୋଲିସ ଜବତ କରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ